### ଟିଟିଲାଗଡ଼ରେ ଜିଲ୍ଲାସ୍ତରୀୟ ଛାତ୍ରବୃତ୍ତି ବିତରଣ

# 'ନୂଆ-ଓ' ଯୁବ ଶକ୍ତିକୁ ବିପୁଳ ସୁଯୋଗ ଦେଉଛି










**ବଲାଙ୍ଗିର/ଟିଟିଲାଗଡ଼, ୩।୩(ସମିସ)**

ଟିଟିଲାଗଡ଼ସ୍ଥିତ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନର ଖେଳପଡିଆଠାରେ ଅନୁଷ୍ଠିତ ହୋଇଯାଇଛି ଜିଲ୍ଲାସ୍ତରୀୟ ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମ। କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନୂଆ ଓଡ଼ିଶା ଗଠନରେ ଯୁବଶକ୍ତିର ଯୋଗଦାନ ପାଇଁ ପ୍ରେରଣା ଦେଇଥିଲେ। ସେ କହିଥିଲେ ଯେ ଏହା ଯୁବକଯୁବତୀଙ୍କ ପାଇଁ ବିପୁଳ ସୁଯୋଗ ସୃଷ୍ଟି କରିଛି। ଏହି ଅବସରରେ ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଶ୍ରୀ ଭି.କେ. ପାଣ୍ଡିଆନ ମହାବିଦ୍ୟାଳୟର କିଛି ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରି ଏହି ଛାତ୍ରବୃତ୍ତି ବିତରଣର ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଟିଟିଲାଗଡ ମହିଳା ମହାବିଦ୍ୟାଳୟର ଛାତ୍ରୀ ଅପର୍ଣ୍ଣା ବେହେରା, କଣ୍ଟାବାଞ୍ଜି ଧନ୍ଦାମୂଳକ (ସ୍ନାତକ) ମହାବିଦ୍ୟାଳୟର ଛାତ୍ର ଚିରାଗ ଅଗ୍ରୱାଲ, କଣ୍ଟାବାଞ୍ଜି ମହିଳା ମହାବିଦ୍ୟାଳୟର ଛାତ୍ରୀ ଗୀତାଞ୍ଜଳି ସାହୁ, ବଙ୍ଗମୁଣ୍ଡା ପଞ୍ଚାୟତସମିତି ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ଭିକୁ ସାହୁ, ମୁରିବାହଲ ପଞ୍ଚାୟତସମିତି ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ନିକିତା କର୍ମ, ଡିଏଭି ମହାବିଦ୍ୟାଳୟର ଛାତ୍ର ଶିକ୍ସରଞ୍ଜନ ପାନିକା, ପଞ୍ଚାୟତସମିତି ଡିଗ୍ରୀ ମହାବିଦ୍ୟାଳୟ, ସଇଁତଳାର ଛାତ୍ର ରୋହନ ପଟେଲ, ତୁଷରା ସ୍ନାତକ ମହାବିଦ୍ୟାଳୟର ଛାତ୍ର ଅଙ୍କିତ ହରପାଲ ଛାତ୍ରବୃତ୍ତି ଗ୍ରହଣ କରିଥିଲେ।







ଅର୍ଥ ଅଭାବରୁ କୌଣସି ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷାଲାଭ କରିବାରୁ ବଞ୍ଚିତ ନ ହୁଅନ୍ତୁ ସେଥିପାଇଁ ଆରମ୍ଭ ହୋଇଛି ନୂଆ-ଓ ଛାତ୍ରବୃତ୍ତି। ଏହି ଯୋଜନା ଅନ୍ତର୍ଗତ ସାଧାରଣ ଓ ଓବିସି ବର୍ଗର ପ୍ରତ୍ୟେକ ଯୋଗ୍ୟ ଛାତ୍ରୀ ୧୦ ହଜାର ଓ ପ୍ରତ୍ୟେକ ଯୋଗ୍ୟ ଛାତ୍ର ୯ ହଜାର ଟଙ୍କା ବୃତ୍ତି ପାଇବେ। ସେହିଭଳି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ର ଓ ଛାତ୍ରୀ ତଥା ନିର୍ମାଣ ଶ୍ରମିକ ଅଧୀନସ୍ଥ ଛାତ୍ର ଓ ଛାତ୍ରୀଙ୍କ ପାଇଁ ଏହି ଅର୍ଥ ରାଶି ଯଥାକ୍ରମେ ୧୦ ହଜାର ଏବଂ ୧୧ ହଜାର ଧାର୍ଯ୍ୟ କରାଯାଇଛି। ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେମାନଙ୍କୁ ଖୁବ ଶୀଘ୍ର ନୂଆ ଓ ସ୍ମାର୍ଟ କାର୍ଡ ଯୋଗାଇ ଦିଆଯିବ। ଯାହାଦ୍ୱାରା ସେମାନେ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ପାଇପାରିବେ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ। ଛାତ୍ରବୃତ୍ତି ପାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ନୂଆ-ଓ କାର୍ଯ୍ୟକ୍ରମରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନରେ ଖୁସି ବ୍ୟକ୍ତ କରିଥିଲେ। ବଲାଙ୍ଗିର ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜି ଇସଲଓ୍ୱାର, ଆରକ୍ଷୀ ଅଧୀକ୍ଷକ ଖିଲାରି ରିଷିକେଶ ଦ୍ୟାନଦେଓ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ, ଟିଟିଲାଗଡ ଉପଜିଲ୍ଲାପାଳ ରେହାନ ଖେତ୍ରୀ ତଦାରଖ କରିଥିଲେ। ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ଜିଲ୍ଲା ପରିଷଦ ସଭ୍ୟା ଗୀତା ବିଶି, ଟିଟିଲାଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା ସଞ୍ଜୁକ୍ତା ନାଏକ ପ୍ରମୁଖ ଯୋଗଦାନ ଦେଇଥିଲେ। ଉପଖଣ୍ଡ ଅନ୍ତର୍ଗତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦାନ ଦେଇଥିଲେ। ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀ ଏହାକୁ ସଫଳ କରାଇଥିଲେ।

## ଉଲବା ଦୁର୍ଘଟଣା: ଜେଲ୍ ଗଲା ଗାଡ଼ି ଚାଳକ

**ପାଟଣାଗଡ଼, ୩।୩ (ସମିସ):** ଗତ ଶନିବାର ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ଉଲବା ଗାଁର ସରୋଜିନୀ ଓ ତାଙ୍କ ଝିଅ ରିତାଙ୍କୁ ପଛପଟେ ଏକ କାର୍ ଧକ୍କା ଦେଇଥିଲା। ଧକ୍କାରେ ମା'-ଝିଅ ଉପରକୁ ଉଠି ବିଦ୍ୟୁତ୍ ଖୁଣ୍ଟର ଶୀର୍ଷରେ ପିଟିହୋଇଥିଲେ। ସେମାନଙ୍କ ମୁଣ୍ଡ, ଗୋଡ, ଅଣ୍ଟା ଆଦି ଖଣ୍ଡ ବିଖଣ୍ଡିତ ଅଂଶ ରାସ୍ତାକଡରେ ପଡିଥିଲା। ପରେ ପରିବାରବର୍ଗଙ୍କ ଅଭିଯୋଗରେ ପୁଲିସ ଏକ ମାମଲା ରୁଜୁ କରି ଡ୍ରାଇଭର ଲଳିତ ବାଗଙ୍କୁ ଆଜି କୋର୍ଟ ଚାଲାଣ କରିଥିବା ଥାନାଧିକାରିଣୀ ତାରାବତୀ ପଧାନ ପ୍ରକାଶ କରିଛନ୍ତି। ମାଁ-ଝିଅଙ୍କ ଶବବ୍ୟବଚ୍ଛେଦ ପରେ ଶୋକାକୁଳ ପରିବେଶରେ ପରିବାର ବର୍ଗ ଓ ଗ୍ରାମବାସୀ ମିଶି ଉଭୟଙ୍କ ଚିତା ଗାଁ ନିକଟସ୍ଥ ସୁକତେଲ ନଦୀ କୂଳରେ ଦାହ କରିଛନ୍ତି।



### ମା'-ଝିଅଙ୍କ ଚିତା ଏକାଠି ଜଳିଲା

## କଣ୍ଟାବାଞ୍ଜି ବନପାଳଙ୍କ ପଦୋନ୍ନତି

**ତୁରେକେଲା, ୩।୩(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ଗାନ୍ଧୀନଗର ପଡା ବାସିନ୍ଦା କାମେଶ୍ୱର ତାଣ୍ଡି ବନପାଳ ଭାବରେ ବିଭିନ୍ନ ରେଞ୍ଜରେ କାର୍ଯ୍ୟରତ କରି ଆସୁଥିବା ବେଳେ ଚଳିତବର୍ଷ ତାଙ୍କୁ କଣ୍ଟାବାଞ୍ଜି ରେଞ୍ଜ କଣ୍ଟାବାଞ୍ଜି ସେକସନରେ ବନପାଳ ଭାବେ କାର୍ଯ୍ୟରତ ଥିଲେ। ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ତରଫରୁ ବନପାଳରୁ ବନାଞ୍ଚଳ ଅଧିକାରୀ ଭାବେ ତାଙ୍କୁ ପଦୋନ୍ନତି କରାଯାଇଥିବା ଜଣାପଡ଼ିଛି। ସେ ସମ୍ବଲପୁର କେଏଲ ଡିଭିଜନରେ ଦାୟିତ୍ୱରେ କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି। ପଦୋନ୍ନତି ଖବର ଜାଣିବା ପରେ ଶ୍ରୀ ତାଣ୍ଡିଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟୁଛି। ତାଙ୍କ ନିଷ୍ଠା ଓ କର୍ତ୍ତବ୍ୟ ଯୋଗୁଁ ସେ ବିଭିନ୍ନ ଜଙ୍ଗଲ ତଥା ଗାଁ ଯାଇ ଲୋକଙ୍କୁ ଜଙ୍ଗଲ ସୁରକ୍ଷା ସହ ବୃକ୍ଷ ରୋପଣ କରିବାକୁ ସଚେତନ କରି ଆସୁଥିଲେ।



## ସୂଚନା ଅଧିକାର କର୍ମୀଙ୍କ ପ୍ରଥମ ଅପିଲ୍
## ଆସିଲେନି ଯୋଗାଣ ନିରୀକ୍ଷକ, ୧୪କୁ ଘୁଞ୍ଚିଲା ଶୁଣାଣି

**ସଇଁତଳା, ୩।୩(ସମିସ):** ସଇଁତଳା ବ୍ଲକ ଭଦ୍ରା ଗ୍ରାମରେ ଗତ ୨୦୨୩ ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର ଓ ଡିସେମ୍ବରର ପିଡିଏସ ଚାଉଳ ହଡ଼ପ କରାଯାଇଥିଲା। ଏହି ଘଟଣାରେ ସଂପୃକ୍ତ ଯୋଗାଣ ସହାୟକ ସତ୍ୟନାରାୟଣ ଛତ୍ରିଆ ଚାକିରି ହରାଇଥିବା ବେଳେ ସଂପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରିୟ ସାହୁ ଜେଲ୍ ଯାଇ ଚାକିରିରୁ ନିଲମ୍ବିତ ହୋଇଛନ୍ତି। ଏହି ଘଟଣାର କାର୍ଯ୍ୟାନୁଷ୍ଠାନ ଉପରେ ସୂଚନା ଅଧିକାର କର୍ମୀ ବଳଦେବ କୁମ୍ଭାର ସଇଁତଳା ବ୍ଲକ ଲୋକ ସୂଚନା ଅଧିକାରୀଙ୍କଠାରେ ତଥ୍ୟ ପାଇଁ ଆବେଦନ କରିଥିଲେ; କିନ୍ତୁ ସଇଁତଳା ବ୍ଲକ ଯୋଗାଣ ନିରୀକ୍ଷକ ପଦ୍ମଲୋଚନ ମାଝୀ ଘଟଣାକୁ ଚାପିଦେବାକୁ ପ୍ରୟାସ କରିବା ସହ ଅସଂପୂର୍ଣ୍ଣ ସୂଚନା ଦେଇଥିବା ଅଭିଯୋଗ ଆଣିଛନ୍ତି ସୂଚନା ଅଧିକାର କର୍ମୀ। ଏଥିରୁ ଶ୍ରୀ କୁମ୍ଭାର ଅସନ୍ତୋଷ ପ୍ରକାଶ କରି ସଇଁତଳା ବିଡିଓ ତଥା ପ୍ରଥମ ଅପିଲ କର୍ତ୍ତୃପକ୍ଷ ବିନୟ ଭୋଇଙ୍କଠାରେ ଫେରାଦ ହୋଇଥିଲେ। ବିଡିଓ ଉଭୟ ସୂଚନା ଅଧିକାର କର୍ମୀ ଓ ପଦ୍ମଲୋଚନ ମାଝିଙ୍କୁ ଗତ ୧୬/୦୨/୨୦୨୪ରେ ସୂଚନା ଅଧିକାର କୋର୍ଟରେ ହାଜର ହେବା ପାଇଁ ନୋଟିସ କରିଥିଲେ। ବଳଦେବ କୁମ୍ଭାର କୋର୍ଟରେ ହାଜର ହୋଇଥିବା ବେଳେ ଯୋଗାଣ ନିରୀକ୍ଷକ ଅନୁପସ୍ଥିତ ରହିଥିଲେ। ଯାହାଫଳରେ ଏହାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ମାର୍ଚ୍ଚ ୧୪ରେ ହାଜର ହେବା ପାଇଁ ବିଡିଓ ଉଭୟଙ୍କୁ ନୋଟିସ କରିଛନ୍ତି। ପୁଣି ଥରେ ଯୋଗାଣ ନିରୀକ୍ଷକ କୋର୍ଟକୁ ନ ଆସିଲେ ଭଦ୍ରା ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ଘେରଉ କରିବେ ବୋଲି ସୂଚନା ଅଧିକାର କର୍ମୀ ଶ୍ରୀ କୁମ୍ଭାର ଚେତାବନୀ ଦେଇଛନ୍ତି।




## ଟ୍ରାଫିକ୍ ପୁଲିସ ଅଛନ୍ତି, ହେଲେ ପୋଷ୍ଟ ନାହିଁ

**ବଲାଙ୍ଗିର, ୩।୩(ସମିସ):** ବଲାଙ୍ଗିର ଟ୍ରାଫିକରେ ବିଚିତ୍ର ଦୃଶ୍ୟ । ଟ୍ରାଫିକ ପୁଲିସ ଅଛନ୍ତି ହେଲେ ସେମାନଙ୍କ ଟ୍ରାଫିକ ପୋଷ୍ଟ ନାହିଁ। ଖରାରେ ଛିଡ଼ା ହୋଇ ଟ୍ରାଫିକ ପୁଲିସ କର୍ମଚାରୀମାନେ ଡ୍ୟୁଟି କରୁଥିବା ବେଳେ ସବୁବେଳେ ଛାଇ ଆଶାରେ ରହୁଥିବା ଦେଖିବାକୁ ମିଳିଛି। କିଛି ମାସ ପୂର୍ବରୁ ଦୁର୍ଘଟଣାରେ ଟ୍ରାଫିକ ପୋଷ୍ଟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ତାକୁ ମରାମତି କରିବା ବଦଳରେ ସମ୍ପୂର୍ଣ୍ଣ ଭାବେ ହଟାଇ ଦିଆଯାଇଥିଲା। ସେହିଦିନ ଠାରୁ ହିଁ ଏହି ଟ୍ରାଫିକ ପୋଷ୍ଟ ଏହିଭଳି ଭାବେ ପଡ଼ିରହିଛି।



### ଖରା ତାତିରେ ସିଝୁଛନ୍ତି କର୍ମଚାରୀ
### ଛାଇ ପାଇଁ ଏପଟ ସେପଟ

ବର୍ତ୍ତମାନ ଖରା ବଢିବା ସାଙ୍ଗକୁ ଟ୍ରାଫିକ ପୁଲିସ କର୍ମଚାରୀଙ୍କ ସମସ୍ୟା ମଧ୍ୟ ବଢ଼ିଛି।

ଗତ କିଛି ଦିନ ହେଲା ବଲାଙ୍ଗିରରେ ଖରା ତାତି ବୃଦ୍ଧିପାଇଛି। ଏହି ଖରାରେ ଲୋକଙ୍କ ସମସ୍ୟା ବଢ଼ିଛି। ବିଶେଷ କରି ତାତି ସହ ବଲାଙ୍ଗିର ସହରରେ ବିଭିନ୍ନ ଟ୍ରାଫିକ ପୋଷ୍ଟରେ କାର୍ଯ୍ୟରତ ଟ୍ରାଫିକ ପୁଲିସ କର୍ମଚାରୀଙ୍କ ସମସ୍ୟା ବୃଦ୍ଧି ପାଇଛି। ସହରରେ ଟ୍ରାଫିକର ସୁପରିଚାଳନା ପାଇଁ କଚେରି ଛକ, ଡାକ୍ତରଖାନା ଛକ, ପାଟନା ହୋଟେଲ ଛକ, ଭାଗରଥି ଛକଠାରେ ଟ୍ରାଫିକ ପୋଷ୍ଟ ବ୍ୟବସ୍ଥା କରାଯାଇଛି। ଏହି ଛକଗୁଡ଼ିକରେ ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଟ୍ରାଫିକ ପୁଲିସ କର୍ମଚାରୀ ନିୟୋଜିତ ହୋଇଥାନ୍ତି। ଭାଗରଥି ଛକ, କଚେରି ଛକ ଓ ପାଟନା ହୋଟେଲ ଛକ ପୋଷ୍ଟରେ ସ୍ୱୟଂଚାଳିତ ଟ୍ରାଫିକ ବ୍ୟବସ୍ଥା କରାଯାଇଥିବା ବେଳେ ଡାକ୍ତରଖାନା ଛକଠାରେ ଥିବା ଟ୍ରାଫିକ ପୁଲିସ କର୍ମଚାରୀଙ୍କ ଦ୍ୱାରା ହିଁ ପରିଚାଳିତ ହେଉଛି। କିଛି ମାସ ତଳେ ଡାକ୍ତରଖାନା ଛକ ଓ ପାଟନା ହୋଟେଲ ଛକଠାରେ ଥିବା ଟ୍ରାଫିକ ପୋଷ୍ଟ ଦୁର୍ଘଟଣାର କ୍ଷତିଗ୍ରସ୍ତ ହୋଇଥିଲା। କ୍ଷତିଗ୍ରସ୍ତ ପୋଷ୍ଟକୁ ପୁଲିସ ବିଭାଗ ମରାମତି କରିବା ବଦଳରେ ସମ୍ପୂର୍ଣ୍ଣ ଭାବେ ହଟାଇ ଦେଇଥିଲା। ବର୍ତ୍ତମାନ କିଛି ଦିନ ହେଲା ବଲାଙ୍ଗିରରେ ଖରା ତାତି ବୃଦ୍ଧି ପାଇଛି। ଫଳରେ ଏହି ଖରାରେ ଘଣ୍ଟା ଘଣ୍ଟା ପିଚୁ ରାସ୍ତାରେ ଛିଡ଼ା ହୋଇ ଟ୍ରାଫିକ ପରିଚାଳନା କରିବା ନିହାତି ଭାବେ ପୁଲିସ କର୍ମଚାରୀଙ୍କ ପାଇଁ ଏକ ବଡ ସମସ୍ୟା। ବିଶେଷ କରି ଡାକ୍ତରଖାନା ଛକ ଓ ପାଟନା ହୋଟେଲ ଛକଠାରେ ଟ୍ରାଫିକ ଡ୍ୟୁଟି କରିବା ପୁଲିସ କର୍ମଚାରୀଙ୍କ ପାଇଁ ବଡ ସମସ୍ୟା ସାଜିଛି। ଏମିତିରେ ପୁଲିସ କର୍ମଚାରୀମାନେ କରିବେ କଣ କେଉଁ ଦୋକାନ କିମ୍ବା ଗଛ ଛାଇ ଟିକେ ପାଇଁ ଏପଟ ସେପଟ ହେଉଥିବା ଦେଖିବାକୁ ମିଳିଛି। ଆଗକୁ ଖରା ତାତି ଅଧିକ ହେବାର ସମ୍ଭାବନା ରହିଛି ଏହା ପୂର୍ବରୁ ଟ୍ରାଫିକ ପୋଷ୍ଟ ପାଇଁ ଆବଶ୍ୟକ ବ୍ୟବସ୍ଥା ନକଲେ ଟ୍ରାଫିକ ପୁଲିସ କର୍ମଚାରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ। ପୁଲିସ କର୍ମଚାରୀ ମାନଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ଆବଶ୍ୟକ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

## 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ

**ବଲାଙ୍ଗିର, ୩।୩(ସମିସ):** ବଲାଙ୍ଗିର କଦମପଡା ଶିଶୁ ବିଦ୍ୟା ଜ୍ଞାନମନ୍ଦିର ଅଧିନସ୍ଥ ଦୈନିକ ବଜାର ନିକଟସ୍ଥ ଶିଶୁବାଟିକା ବିଭାଗରେ ଏ ବର୍ଷର 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମର ୨ୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବିଦ୍ୟାଭାରତୀ, ଓଡିଶାର ପଶ୍ଚିମ ସମ୍ଭାଗର ଶିଶୁବାଟିକା ବିଭାଗର ଶୈକ୍ଷିକ ସଂଯୋଜକ ଲୋକନାଥ ମିଶ୍ର ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ସୁବ୍ରତ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟୁତ ରେଖା କରଙ୍କ ନିର୍ଦ୍ଦେଶନାରେ ପ୍ରତିଭା ପ୍ରଦର୍ଶନ ପରେ କୁମୁଦିନୀ ପୃଷ୍ଟିଙ୍କ ଦ୍ୱାରା ସୋପାନ ଗୀତ ଗାନ କରାଯାଇଥିଲା। ସଂଯୋଜନା ଭାରତୀ ସାହୁ କରିଥିଲେ। ଅଧ୍ୟକ୍ଷ ଭବାନୀଶଙ୍କର ପଟେଲ, ଉପସଭାପତି ରବୀନ୍ଦ୍ର ପଣ୍ଡା ଓ କୋଷାଧ୍ୟକ୍ଷ ପ୍ରକାଶଚନ୍ଦ୍ର ତରିଆ ଉପସ୍ଥିତ ଥିଲେ।

## ତେରାପନ୍ଥ ମହିଳା ମଣ୍ଡଳର ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ

**ଟିଟିଲାଗଡ଼, ୩।୩(ସମିସ):** ଚଳିତ ମାସ ୮ ତାରିଖରେ ଥିବା ଅନ୍ତର୍ଜାତୀୟ ମହିଳା ଦିବସ ପାଇଁ ସ୍ଥାନୀୟ ତେରାପନ୍ଥ ଜୈନ ଭବନ ପରିସରରେ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷା ମମତା ଦେବୀ ଜୈନ ମୁଖ୍ୟଅତିଥି, ବ୍ରହ୍ମକୁମାରୀ ମନିଷା ଓ ଦାମିନି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସ୍ଥାନୀୟ ଶାଖା ପକ୍ଷରୁ ଏହି ଦିବସକୁ ମହାସମାରୋହରେ ପାଳନ କରାଯିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଶାଖା ସଭାପତି ବବି ଜୈନ ଓ ସମ୍ପାଦକ ଦୀପିକା ଜୈନ ସୂଚନା ଦେଇଛନ୍ତି। ପୌର ଅଧ୍ୟକ୍ଷା ଶ୍ରୀମତି ଜୈନଙ୍କୁ ମହିଳା ମଣ୍ଡଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗାୟତ୍ରୀ ଶକ୍ତିପୀଠରେ ସଂକଳ୍ପ ସମାରୋହ



**ବଲାଙ୍ଗିର, ୩।୩(ସମିସ):** ବଲାଙ୍ଗିର ଗାୟତ୍ରୀ ଶକ୍ତିପୀଠର ପ୍ରାଣପ୍ରତିଷ୍ଠା ଅବସରରେ ସଂକଳ୍ପ ସମାରୋହ ଓ ବୁଦ୍ଧିଜୀବୀ ସମ୍ମିଳନୀ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ପରିବାର ଟ୍ରଷ୍ଟର ଟ୍ରଷ୍ଟି ଯୁଗଲ କିଶୋର ଝା, ବଲାଙ୍ଗିର ସାଂସଦ ସଂଗୀତା କୁମାରୀ ସିଂହଦେଓ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ଶ୍ରୀରାମ ପ୍ରସାଦ ସାହୁ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟ ଶିବଦତ୍ତ ମିଶ୍ର ସମ୍ମାନିତ ବକ୍ତା ଭାବରେ ଯୋଗ ଦେଇଥିଲେ। ଟ୍ରଷ୍ଟ ସଦସ୍ୟ ପ୍ରତାପଚନ୍ଦ୍ର ଆଚାର୍ଯ୍ୟ ସଂକଳ୍ପ ସମାରୋହ ଓ ବୁଦ୍ଧିଜୀବୀ ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଏହି ସମାରୋହକୁ ସାମ୍ବାଦିକ ସ୍ୱର୍ଗତ ସତ୍ୟନାରାୟଣ ବେହେରାଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଥିଲା।

# ଯୋଗୀମୁଣ୍ଡାରେ ବିଜେଡିର ମହିଳା ସମାବେଶ ଓ କର୍ମୀ ସମ୍ମିଳନୀ

**ପାଟଣାଗଡ଼, ୩।୩(ସମିସ)**

ପାଟଣାଗଡ଼ ବ୍ଲକ ୧୫ ନଂ ଜୋନ ଯୋଗିମୁଣ୍ଡା ଚନା ବହଲେନ ପଡିଆଠାରେ ପାଟଣାଗଡ଼ ବିଧାୟକ ସରୋଜ ମେହେରଙ୍କ ନେତୃତ୍ୱରେ ବିରାଟ ମହିଳା ସମାବେଶ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜଣାଇଥିଲେ। ପାଟଣାଗଡ଼ ନିର୍ବାଚନମଣ୍ଡଳୀ ପୂର୍ବରୁ ଦୀର୍ଘ ୨୫ ବର୍ଷଧରି ବିଜେପି ଶାସିତ ହୋଇଥିଲା। ୨୦୧୯ରେ ବିଜେଡି ଦଳ ବିଜୟୀ ହେବା ପରେ ଅଞ୍ଚଳର ଅନେକ ସମସ୍ୟାର ସମାଧାନ ହେବାସହ ପାଟଣାଗଡ଼ର ବିକାଶ ହୋଇଛି ବୋଲି ଶ୍ରୀ ମେହେର କହିବା ସହ ପାନୀୟଜଳ ସମସ୍ୟା, ନୂତନ ଡାକ୍ତରଖାନା, ନୂତନ ରାସ୍ତା ନିର୍ମାଣ, ବେଲପଡା ବ୍ଲକକୁ ଏନଏସି ଘୋଷଣା ସହ ଅନେକ କାର୍ଯ୍ୟ ହୋଇପାରିଛି ବୋଲି ମତ ଦେଇଥିଲେ। ସଭାରେ ୧୫ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା କସ୍ତୁରୀ ସେଠ, ୧୪ ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟା ବିଶେଶ୍ୱରୀ ବରିହା, ନାରୀ ନେତ୍ରୀ ବିଦୁସ୍ମିତା ମହାକୁଡ଼, ବିଜେଡିର ବରିଷ୍ଠ ସଦସ୍ୟ ପ୍ରଦୀପ ପୁରୋହିତ, ଇନ୍ଦୁଭୂଷଣ ଠାକୁର, ବାସୁଦେବ ପାଢ଼ୀ, ସହଦେବ ମେହେରଙ୍କ ସହ ଅନେକ ସମିତିସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଅନେକ ସରପଞ୍ଚ ଓ ୫ଟି ଜିଲ୍ଲା ପରିଷଦ ଜୋନର ବିଜେଡି କର୍ମୀ ଉପସ୍ଥିତ ଥିଲେ। ସମାବେଶରେ ୧୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା।







## ଧର୍ମଗଡ଼ରେ ‘ନୂଆ-ଓ’ ଛାତ୍ରବୃତ୍ତି ପ୍ରଦାନ

# ଶିକ୍ଷାରେ ବାଧକ ହେବନି ଆର୍ଥିକ ଅନଟନ


















**ଭବାନୀପାଟଣା,୩।୩ (ସମିସ)**

ବର୍ତ୍ତମାନ ଯୁଗରେ ସାମାଜିକ ଗତିଶୀଳତାରେ ଶିକ୍ଷା ଏକ ମାଧ୍ୟମ। ତେଣୁ ଆର୍ଥିକ, ସାମାଜିକ, ଶୈକ୍ଷିକ ଓ ଶିକ୍ଷାୟତନ ଏବଂ ପ୍ରତିଭା ସହ କଳାକୌଶଳର ବିକାଶ ପ୍ରତି ରାଜ୍ୟ ସରକାର ମାତ୍ରାଧିକ ଗୁରୁତ୍ୱ ଦେଇ ଆସୁଛନ୍ତି। ଏଣୁ ଓଡିଶା ଆଜି ଅନ୍ୟ ରାଜ୍ୟ ପାଇଁ ଉଦାହରଣ ପାଲଟିଛି। ଶ୍ରେଷ୍ଠ ଛାତ୍ର ହେବା ପାଇଁ ଦାୟିତ୍ୱବୋଧ ସହ ବ୍ୟକ୍ତିତ୍ୱ ବିକାଶ ନିଜର ଆଭିମୁଖ୍ୟ ନିର୍ଭର କରୁଥିବାରୁ ଛାତ୍ରଛାତ୍ରୀଙ୍କ ପାଇଁ ‘ନୂଆ-ଓ’ ଛାତ୍ରବୃତ୍ତି ବେଶ୍ ସହାୟକ ହେବ। ଯେ କୌଣସି ପରିସ୍ଥିତିରେ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଶିକ୍ଷା ସହିତ ଦକ୍ଷତା ବୃଦ୍ଧି କରିବା ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ। ଧର୍ମଗଡ଼ରେ ରବିବାର ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏହା କହିଛନ୍ତି।

ସ୍ଥାନୀୟ ପଞ୍ଚାୟତ ମହାବିଦ୍ୟାଳୟ ପଡ଼ିଆରେ ‘ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମରେ ଶ୍ରୀ ପାଣ୍ଡିଆନ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିବା ସହ ନୂଆ-ଓ ଛାତ୍ରବୃତ୍ତି ପ୍ରଦାନ କରିଥିଲେ। ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କ ସମୃଦ୍ଧି କାମନା କରିଛନ୍ତି। ଆର୍ଥିକ ଅନଟନ କାରଣରୁ ଉଚ୍ଚ ଶିକ୍ଷାରେ କୌଣସି ଛାତ୍ରଛାତ୍ରୀ ପଛରେ ରହିବା ଉଚିତ ନୁହେଁ ବୋଲି ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ ରହିଛି। ଏହି ନୂଆ-ଓ ଛାତ୍ରବୃତ୍ତି ମାଧ୍ୟମରେ ସ୍ୱପ୍ନ ପୂରଣ ହେବ। ଏହି ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଜରିଆରେ କଳାହାଣ୍ଡି ଜିଲ୍ଲାରେ ୩୩ଟି କଲେଜରୁ ୧୩,୦୭୪ ଜଣ ଛାତ୍ରଛାତ୍ରୀଙ୍କୁ ୧୨,୯୩,୫୯,୦୦୦ ଟଙ୍କା ଛାତ୍ର ବୃତ୍ତି ପ୍ରଦାନ କରାଯାଉଛି। ଏମାନଙ୍କ ମଧ୍ୟରୁ ୬୯୯୩ ଜଣ ଛାତ୍ର ଏବଂ ୬୦୮୧ ଜଣ ଛାତ୍ରୀ ଅଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ତେବେ ମଞ୍ଚରେ ‘୫-ଟି’ ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ୧୩ଜଣ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିଥିଲେ। ମା ମାଣିକେଶ୍ୱରୀ ବଶ୍ୱବିଦ୍ୟାଳୟର ଜ୍ୟୋତିର୍ମୟ ନାୟକ, ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ସବିତା ମାଝୀ, ପଞ୍ଚାୟତ ମହାବିଦ୍ୟାଳୟର ସୁଭଦ୍ରା ନାଏକ, ଜୟପାଟଣା ଇନ୍ଦ୍ରାବତୀ ମହାବିଦ୍ୟାଳୟର ନୃସିଂହ ଚରଣ ଦାସ, ଜୁନାଗଡ ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟର ଅର୍ପିତା ଦଣ୍ଡସେନା, କେସିଙ୍ଗା ମହାବିଦ୍ୟାଳୟର ଆଦିତ୍ୟ ଶଙ୍କର ସୁନା, ମଦନପୁର ରାମପୁର ଡ଼ିଗ୍ରୀ ମହାବିଦ୍ୟାଳୟର ଝରଣା ପ୍ରଧାନୀ, ପଞ୍ଚାୟତ ସମିତି ମହାବିଦ୍ୟାଳୟର ଭୀମ ଗୌଡ, ଗୋଲାମୁଣ୍ଡା ସର୍ବମଙ୍ଗଳା ମହାବିଦ୍ୟାଳୟର ଛୁବନ୍ ନାଏକ, କଲମପୁର ମହାରାଣୀ କସ୍ତୁରିକା ମେଦିନୀ ଦେବୀ ମହାବିଦ୍ୟାଳୟର ଅବନ୍ତୀ ନାଏକ, ରିଶିଡ଼ାଜଗନ୍ନାଥ ମହାବିଦ୍ୟାଳୟର ରଶ୍ମିରେଖା ସାହୁ, କୋକସରା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଦଧିସ୍ମିତା ଦୁର୍ଗା, ବିଶ୍ୱନାଥପୁର ମା ହୀରାନୀଳା ମହାବିଦ୍ୟାଳୟର ରୋଷନଲାଲ ଶେଠ୍‌ଙ୍କୁ ଶ୍ରୀ ପାଣ୍ଡିଆନ ବୃତ୍ତି ସାର୍ଟିଫିକେଟ ପ୍ରଦାନ କରିଥିଲେ।

କୁସୁର୍ଲା ମହାବିଦ୍ୟାଳୟର ୩୨୩, ଆଞ୍ଚଳିକ ବସ୍ତରଣି ମହାବିଦ୍ୟାଳୟ ସାନ ଚେରଗାଁ ୫୫୮, ବର୍ଡର ମହାବିଦ୍ୟାଳୟ କାଙ୍କେରି ୨୩୫, ଚନ୍ଦ୍ରିକା ଜୈନ ମହାବିଦ୍ୟାଳୟ ବୋର୍ଡା ୪୦୮, ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଭବାନୀପାଟଣା ୮୦, ସ୍ନାତକ ବିଜ୍ଞାନ ମହାବିଦ୍ୟାଳୟ ମହାଲିଂ ୫୦୭, ଧବଳେଶ୍ୱର ମହାବିଦ୍ୟାଳୟ ମୋହନଗିରି ୨୦୫, ଧର୍ମଗଡ ମହିଳା ମହାବିଦ୍ୟାଳୟ ୪୨୧, ଗାୟତ୍ରୀ ବିଜ୍ଞାନ ମହାବିଦ୍ୟାଳୟ ୪୮, କଳାହାଣ୍ଡି ବିଶ୍ୱବିଦ୍ୟାଳୟ ୨୬୨୧, ସରକାରୀ ମହିଳା ମହାବିଦ୍ୟାଳୟ ଭବାନୀପାଟଣା ୬୦୩, ଇନ୍ଦ୍ରାବତୀ ମହାବିଦ୍ୟାଳୟ ଜୟପାଟଣା ୫୨୬, ଜୟ ପ୍ରକାଶ ସନ୍ଧ୍ୟା ମହାବିଦ୍ୟାଳୟ ଭବାନୀପାଟଣା ୩୩୮, ଜଗନ୍ନାଥ ମହାବିଦ୍ୟାଳୟ ରିଶିଡ଼ା ୩୪୧, କର୍ଲାପଡା ମହାବିଦ୍ୟାଳୟ ୩୦୨, କେସିଙ୍ଗା ମହାବିଦ୍ୟାଳୟ ୬୦୨, କୌଶିକ ବାବା ମହାବିଦ୍ୟାଳୟ ତେରେସିଂହା ୨୨୮, ମା ହୀରାନୀଳା ମହାବିଦ୍ୟାଳୟ ବିଶ୍ୱନାଥପୁର ୩୪୦, ମଦନପୁର ରାମପୁର ମହାବିଦ୍ୟାଳୟ ୫୯୩, ମହାରାଣୀ କସ୍ତୁରିକା ମୋହିନୀ ଦେବୀ ମହାବିଦ୍ୟାଳୟ ୩୩୦, ମଡର୍ନ ମହାବିଦ୍ୟାଳୟ ଧର୍ମଗଡ ୧୧୩, ମୋହନ ପ୍ୟାରୀ ମହାବିଦ୍ୟାଳୟ ରାଜପୁର ୧୬୧, ପଞ୍ଚାୟତ ମହାବିଦ୍ୟାଳୟ ଧର୍ମଗଡ ୬୦୬, ପଞ୍ଚାୟତ ମହାବିଦ୍ୟାଳୟ ବେଲଖଣ୍ଡି ୧୭୬, ପଞ୍ଚାୟତ ମହାବିଦ୍ୟାଳୟ ବଡ ଚେରଗାଁ ୧୪୯, ପଞ୍ଚାୟତ ମହାବିଦ୍ୟାଳୟ ନର୍ଲା ୩୩୮, ପଞ୍ଚାୟତ ମହାବିଦ୍ୟାଳୟ କୋକସରା ୩୩୮, ପ୍ରଗତି ମହାବିଦ୍ୟାଳୟ ଭବାନୀପାଟଣା ୨୧୮, ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟ ଜୁନାଗଡ ୪୩୦, ସରସ୍ୱତୀ ମହାବିଦ୍ୟାଳୟ ଭବାନୀପାଟଣା ୪୧, ସର୍ବମଙ୍ଗଳା ମହାବିଦ୍ୟାଳୟ ଗୋଲାମୁଣ୍ଡା ୬୬୩, ଶାସ୍ତ୍ରୀଜି ମହାବିଦ୍ୟାଳୟ ଭବାନୀପାଟଣା ୮୭, ଶ୍ରୀ ଭୂତେଶ୍ୱର ମହାବିଦ୍ୟାଳୟର ୧୩୫ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକରୁ ୫,୭୩୩ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଛାତ୍ରବୃତ୍ତି ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ। ଯେଉଁମାନଙ୍କର ପିତାମାତା ସ୍ଥାୟୀ ସରକାରୀ କର୍ମଚାରୀ ନୁହନ୍ତି କିମ୍ବା ଯେଉଁ ଅଭିଭାବକମାନେ ଆୟକର ଦିଅନ୍ତି ନାହିଁ। ସ୍ନାତକ ଓ ସ୍ନାତକୋତ୍ତରର ପଢୁଥିବା ଛାତ୍ରଙ୍କୁ ୯ହଜାର ଓ ଛାତ୍ରୀଙ୍କ ପାଇଁ ୧୦ହଜାର ଟଙ୍କା ଛାତ୍ରବୃତ୍ତି ରାଶି ପ୍ରଦାନ କରାଯାଉଛି। ଅନୁସୂଚିତ ଜାତି, ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅଙ୍କୁ ବାର୍ଷିକ ୧୦ ହଜାର ଓ ଝିଅଙ୍କୁ ୧୧ ହଜାର ଟଙ୍କା ଛାତ୍ରବୃତ୍ତି ଦିଆଯାଉଛି। ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଏବଂ ବେସରକାରୀ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତିରାଶି ସିଧା ସଳଖ ବ୍ୟାଙ୍କ୍ ଆକାଉଣ୍ଟ ଖାତାରେ ପ୍ରଦାନ କରାଯାଉଛି।

ଯୁବକମାନଙ୍କୁ ସଶକ୍ତିକରଣ, ନିଜର ଦକ୍ଷତା ବିକାଶ ତଥା ରାଜ୍ୟ ସମୃଦ୍ଧିରେ ନିଜର ସହଭାଗିତା ଏବଂ ରୂପାନ୍ତରିତ କାର୍ଯ୍ୟ ପରିପ୍ରେକ୍ଷୀରେ ନୂଆ - ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଛାତ୍ରବୃତ୍ତି ବଣ୍ଟନ ବ୍ୟତୀତ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମାର୍ଚ୍ଚ ୫ ତାରିଖରେ ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡର ଶୁଭାରମ୍ଭ କରାଯିବ। ମୂଳତଃ ଏହି ମ୍ୟାଜିକ୍ କାର୍ଡ, ଉଭୟ ସ୍ନାତକ ଓ ସ୍ନାତକୋତ୍ତର ପ୍ରତ୍ୟେକ ଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ। ଏହି କାର୍ଡରେ ୱାଇଫାଇ ଆକସେସ୍, ବହି କିଣିବାରେ ରିହାତି, ବସ୍/ଟ୍ରେନ୍ ଯାତ୍ରାରେ ରିହାତି, ଅନଲାଇନ୍ କ୍ଲାସରୁମ୍‌ର ସୁବିଧା, ଅନଲାଇନ୍ କ୍ୟାରିୟର କାଉନସେଲିଂ, ଫୋନ୍ ପାଇଁ ରିଚାର୍ଜ କରିବାର ସୁବିଧା ରହିବ। ମ୍ୟାଜିକ୍ କାର୍ଡ ହେଉଛି ଆଧାର କାର୍ଡ। ଯଦି ଛାତ୍ର ଭଲ ପ୍ରଦର୍ଶନ କରେ ତେବେ ସେମାନଙ୍କୁ ସିଲଭର କାର୍ଡ ଅପଗ୍ରେଡ୍ କରାଯାଇପାରିବ। ପରେ ଗୋଲ୍ଡେନ୍ ଏବଂ ତା'ପରେ ପ୍ଲାଟିନମ୍ କାର୍ଡ ମିଳିବ; ଯାହା ଦ୍ୱାରା ସେମାନେ ସେମାନଙ୍କ ଅଧ୍ୟୟନ ଖର୍ଚ୍ଚ ପରିଚାଳନା କରିପାରିବେ।














# ଜାନ୍ ଭବନ ଶିଳାନ୍ୟାସ ‘ନୂଆପଡ଼ାର ବିକାଶରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’

**ନୂଆପଡ଼ା, ୩।୩(ସମିସ)**

ନୂଆପଡ଼ା ଭଳି ଏକ ଉପାନ୍ତ ଜିଲ୍ଲାରେ ବର୍ତ୍ତମାନ ବିକାଶର ରାସ୍ତା ଖୋଲିଛି। ଏଥି ପାଇଁ ଏଠିକାର ବିଭିନ୍ନ ଗଣମାଧ୍ୟମର ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଠିକାର କଥାକୁ ଶୀରୋନାମା କରି ରାଜ୍ୟ ରାଜଧାନୀ ତଥା ଦିଲ୍ଲୀ ଦରବାରକୁ ଦୋହଲାଇ ଦେଲାଭଳି ଖବର ସବୁ ଜିଲ୍ଲାର ବିକାଶ କ୍ଷେତ୍ରକୁ ଆଗକୁ ନେବାରେ ସହାୟକ ହୋଇଛି। ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଏହା କହିଛନ୍ତି। ରବିବାର ସ୍ଥାନୀୟ ଜିଲ୍ଲା ପୁଲିସ ପଡ଼ିଆ ନିକଟରେ ଆୟୋଜିତ ସାମ୍ବାଦିକ ସଂଘ ତଥା ଜାନ୍ (ଜର୍ଣ୍ଣାଲିଷ୍ଟ ଆସୋସିଏସନ ଅଫ୍ ନୂଆପଡ଼ା) ଭବନ ନିର୍ମାଣ ସକାଶେ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେଇ ମନ୍ତ୍ରୀ ଢୋଲକିଆ ଏହା କହିଛନ୍ତି। ମଧ୍ୟାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଜାନର ସଭାପତି ଘନଶ୍ୟାମ ଭୋଇ ସଭାପତିତ୍ୱ କରିଥିବାବେଳେ




ମନ୍ତ୍ରୀ ଢୋଲକିଆ ମୁଖ୍ୟ ଅତିଥି, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ନୂଆପଡ଼ା ଏନଏସି ଅଧ୍ୟକ୍ଷ ମହମ୍ମଦ ଆଦମ, ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ରାମଲାଲ ହଂସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ଗତ ବର୍ଷ ମେ ମାସରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନୂଆପଡ଼ା ଜିଲ୍ଲା ଗସ୍ତ ସମୟରେ ଜାନ୍ ତରଫରୁ ଭବନ ନିର୍ମାଣ ପାଇଁ ଆବେଦନ କରାଯାଇଥିଲା। ତାକୁ ଭିତ୍ତି କରି ଗୁରୁତ୍ୱ ଦେବା ସହ ଠିକ୍ ସମୟରେ ଭବନ ନିର୍ମାଣ ସକାଶେ ଆବଶ୍ୟକ ଜମି ସହ ପାଣ୍ଠି ମଞ୍ଜୁର କରାଯାଇଥିଲା। ସେହି ଅନୁସାରେ ଏକ ଭବ୍ୟ ଭବନ ନିର୍ମାଣ କରିବାକୁ ମନ୍ତ୍ରୀ ଢୋଲକିଆ ମଧ୍ୟ ସୁପାରିଶ କରିଥିଲେ। ତେବେ ଏହି ଶିଳାନ୍ୟାସ ଉତ୍ସବରେ ଯୋଗଦେଇ ଭବନ ନିର୍ମାଣ କାମ ଆରମ୍ଭ ହେଲେ ଶେଷ କରିବା ପାଇଁ ଯାହା ବି ଅନୁଦାନ ଦରକାର ସବୁ ଅନୁଦାନ ଦେବାପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି। ଜାନ ଏକ ସର୍ବପୁରାତନ ସଂଘ। ସମସ୍ତ ହାତ ମୁଠାକୁ ଟାଣ କରି ଜିଲ୍ଲାର ସାମଗ୍ରୀକ ବିକାଶ ପାଇଁ କାମ କରିବାକୁ ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଜାନର ଜିଲ୍ଲାର ବହୁ ପ୍ରତିଷ୍ଠିତ ସାମ୍ବାଦିକ ଯୋଗ ଦେଇଥିଲେ। ଏଥିରେ ବରିଷ୍ଠ ସାମ୍ବାଦିକ ମାୟାଧର ସରାଫ, ସୁଶାନ୍ତ ପାଣିଗ୍ରାହୀ, ଆଦିତ୍ୟ ମହାଉତି, କୁନୁ କରୁଆଁ, କମଲେଶ ଜୈନ, ସରୋଜ ଦାସ, ସଞ୍ଜୀବ ପାଣିଗ୍ରାହୀ, ରମ୍ଭୁ ଅଗ୍ରୱାଲ, ରାକେଶ ଶର୍ମା, ଅଶ୍ୱିନୀ ପାଣିଗ୍ରାହୀ, ରତନ କେତକୀ, ଯୋଗେଶ୍ୱର ସଗରିଆ, ସନ୍ତୋଷ ଦଣ୍ଡସେନା, ତାଲେଶ୍ୱର ଦେୱାଙ୍ଗନ, ଦିଲ୍ଲୀପ ପଣ୍ଡା, ରବିକାନ୍ତ ଠେଲା, ଯୁଗଳ କିଶୋର ଚଲାନ, ଯାଜ୍ଞସେନୀ ମହାପାତ୍ର, ଚେତୁରାମ ପ୍ରଧାନୀ, ବଣ୍ଟି ହେର୍ଣ୍ଣା, ମୁକେଶ ସାହୁ, ମୁନ୍ନା ସାହୁ, ପ୍ରତିଭା ହୋତା, ରାଜେନ୍ଦ୍ର ଜୈନ, ସନ୍ତୋଷ ଦୁବେ, ରାହୁଲ ଯାଦବ, ଚନ୍ଦ୍ରଶେଖର ଚନ୍ଦ୍ରକାର, ପୁରୋହିତ ସୁନାନୀ ପ୍ରମୁଖ ଯୋଗ ଦେଇଥିଲେ।

# କାଳୀକୃଷ୍ଣ ସଂଘର ମହାବିଷ୍ଣୁ ଯଜ୍ଞ ପାଇଁ ଭୂମିପୂଜା

**କୋକସରା/ଲଡୁଗାଁ/ଆମପାଣି, ୩।୩ (ସମିସ):** କୋକସରା ବ୍ଲକ ଆମପାଣି ପଞ୍ଚାୟତ କନ୍ଦାଗଡ଼ରେ ଅପ୍ରେଲ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ କାଳୀକୃଷ୍ଣ ସଂଘର ୪୧ତମ ବାର୍ଷିକ ଉତ୍ସବ ତଥା ପଞ୍ଚଦିବସୀୟ ମହାବିଷ୍ଣୁ ଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ଭୂମିପୂଜା ହୋଇଛି। ଜଗନ୍ନାଥ ସଂସ୍କୃତି ପ୍ରଚାରକ, କାଳୀକୃଷ୍ଣ ସଂଘ ପରିଚାଳକ ଶ୍ରୀ ଜଗଦାନନ୍ଦଜୀଙ୍କ ଦ୍ୱାରା ଏହି ଭୂମିପୂଜା ହୋଇଛି। ସଂଘର ବେଦବ୍ରହ୍ମା ସରୋଜାନନ୍ଦଜୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜେଡି ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ଜିତେନ୍ଦ୍ର ପଣ୍ଡା, ତନୁକଲାଲ ନାଗ, ନବୀନ ରାଉତ, ସୁଜିତ ଠାକୁର, ସୁଶାନ୍ତ ମେହେର, ତାପସ ରାୟ, ସଦାଶିବ ମହାରଣା, କୈଳାସ ନାଏକ, ନବୀନ ମେହେର, ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝି, କୋକସରା ବ୍ଲକ ଆମ୍ବା ଅଧ୍ୟକ୍ଷ ଋତୁରାଜ ମାଝୀଙ୍କ ସମେତ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଜିଲ୍ଲାର ବିଭିନ୍ନ ଶାଖା ସଂଘର ଶିଷ୍ୟ ଶିଷ୍ୟା ଉପସ୍ଥିତ ଥିଲେ। ଆଚାର୍ଯ୍ୟ ତୋଷାନନ୍ଦ, ପ୍ରେମାନନ୍ଦ ସମେତ କନ୍ଦାଗଡ଼ ଶାଖା ସଂଘର ଭାଇ, ଭଉଣୀ ପରିଚାଳନାରେ ସହଯୋଗ କରିଥିଲେ।



# ୯ ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କେସିଙ୍ଗା, ୩।୩(ସମିସ):** ମାର୍ଚ୍ଚ ୯ ରେ କେସିଙ୍ଗା ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ତାଲୁକ୍ ଆଇନ ସେବା ସମିତି ଅଧ୍ୟକ୍ଷ ଧନଞ୍ଜୟ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତରେ ଏହି ବୈଠକରେ ରାଷ୍ଟ୍ରୀୟ ଲୋକ ଅଦାଲତ କୁ ସଫଳ କରିବାକୁ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଏହି ଲୋକ ଅଦାଲତରେ ରଫା ଯୋଗ୍ୟ ଫୌଜଦାରୀ ମାମଲା, ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ଅନାଦେୟ ମାମଲା, ବୈବାହିକ ମାମଲା, ରାଜସ୍ୱ, ଜମିବାଡ଼ି ଇତ୍ୟାଦି ମାମଲା ବିଭାଗୀୟ ଅଦାଲତରେ ଆଗତ କରାଯିବ। ଜନସାଧାରଣ ଯଦି ଏହିପରି ମାମଲାର ଆପୋଷ ସମାଧାନ ମାଧ୍ୟମରେ ଲୋକ ଅଦାଲତରେ ସମାଧାନ କରିବାକୁ ଚାହୁଁଛନ୍ତି ସେମାନେ ଅଦାଲତରେ ଆଗୁଆ ଦ୍ୱାରସ୍ଥ ହୋଇ ଏହାର ଫଇସଲା କରିପାରିବେ ବୋଲି ବିଚାରପତି ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ଲୋକ ଅଦାଲତରେ ମାମଲାର ଫଇସଲା ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ। ଲୋକ ଅଦାଲତର ରାୟ ଚୂଡାନ୍ତ, ଫଳପ୍ରଦ ଓ ଯୋଗ୍ୟ। ଦୀର୍ଘ ଦିନ ଧରି ଚାଲୁ ରହିଥିବା କେସ୍ ସମ୍ବନ୍ଧୀୟ ମାମଲାର ସମାଧାନ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ବିଚାରପତି ଶ୍ରୀ ନାୟକ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

# ବିଜୟାନନ୍ଦ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ଗୋଲାମୁଣ୍ଡା, ୩।୩(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ସ୍ଥିତ ବିଜୟାନନ୍ଦ ପବ୍ଲିକ୍ ସ୍କୁଲରେ ୨୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଇଞ୍ଜିନିୟର ପ୍ରିୟବ୍ରତ ସିପକା ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ଗୋଲାମୁଣ୍ଡା ଅଗ୍ନିଶମ ବିଭାଗ ଷ୍ଟେସନ ଅଧିକାରୀ ନିଗମାନନ୍ଦ ପାତ୍ର, ଗୋଲାମୁଣ୍ଡା ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ୱେତପଦ୍ମା ସେଠ୍, ଗୋଲାମୁଣ୍ଡା ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ସୁବାସ ନାଏକ ଓ ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ରାଉତ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ ଘଡେଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉପାଧ୍ୟକ୍ଷା ଅଳକା କେଶରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଅମର ନାଏକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଶାନ୍ତନୁ ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଚାଳନା ପରିଷଦର ସମ୍ପାଦକ ରୋହିତ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଗୁଣନିଧି ରାଉତ ମଞ୍ଚ ସଞ୍ଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ଉତ୍କର୍ଷ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ବିରେନ୍ଦ୍ର ସେନାପତି, ଶମ୍ଭୁନାଥ ମେହେର, ଲକ୍ଷ ରାଉତ, ଦେବାଶିଷ ତେଜି, ଆକାଶ ଦାସ, ଯତୀନ୍ଦ୍ର ନାଥ ଚଲାନ, ଶିକ୍ଷୟତ୍ରୀ ବିଜୟଲକ୍ଷ୍ମୀ ପଣ୍ଡା, ସନ୍ଧ୍ୟାରାଣୀ ଖମାରୀ, ସସ୍ମିତା ସାଗର, ଲୋପାମୁଦ୍ରା ରାଉତ, ଉମା ଦୁରିଆ, ବିକାଶ ମଙ୍ଗରାଜ, ନରୋତ୍ତମ ଭାଟି ଓ ସତ୍ୟବତୀ ମଙ୍ଗରାଜ ପ୍ରମୁଖ ସହଯୋଗ କରିଥିଲେ।




# ନିଖୋଜ ବ୍ୟକ୍ତିଙ୍କ ଶବ ଉଦ୍ଧାର

**ନର୍ଲା, ୩।୩(ସମିସ):** ନର୍ଲା ଥାନା ମାଣ୍ଡେଲ ଗ୍ରାମ ନିବାସୀ ନିଖାଜ ଥିବା ଭୁଜନ୍ଦ୍ର ସେନାପତି (ନାକା ଉମ୍ର)ଙ୍କ ଶବ ଉଦ୍ଧାର ହୋଇଛି। ୪ଦିନ ହେଲା ସେ ନିଖୋଜ ଥିଲା। ପରିବାର ଲୋକେ ଏ ନେ ନର୍ଲା ଥାନାରେ ଅଭିଯୋଗ କରିଥିଲେ। ରବିବାର ସକାଳେ ଅଶୁରଗଡ଼ ସାଗରରେ ଏକ ଶବ ଭାସୁଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ପଠାଇଥିଲା।



# ହରିପୁର ଗୁରୁକୁଳ ଆଶ୍ରମରେ ମହିଳା ସମ୍ମାନିତ



**ନୂଆପଡ଼ା, ୩।୩(ସମିସ):** ସ୍ଥାନୀୟ ହରିପୁରସ୍ଥିତ ଗୁରୁକୁଳ ଆଶ୍ରମରେ ମହିଳାମାନଙ୍କ କୃତିତ୍ୱ ଏବଂ ପ୍ରତିଭାକୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉର୍ମିଳା ବେହେରା ସଭାପତିତ୍ୱ କରିଥିଲେ। ମହିଳାମାନଙ୍କ ନେତୃତ୍ୱ ତଥା ମାନସିକ ବିକାଶ ତଥା ଦେଶର ପୁନଃଗଠନରେ ଭୂମିକା ବିଷୟରେ ମହିଳାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୋନପୁରରୁ ଶ୍ରଦ୍ଧାଞ୍ଜଳି ମିଶ୍ର, ଭବାନୀପାଟଣାରୁ ଦର୍ଶନା ଅଗ୍ରୱାଲ, ଝୁନୁପମା ସତପଥୀ, ଜୟଶ୍ରୀ ମହାପାତ୍ର ଯୋଗ ଦେଇ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଷୀରୋଦିନି ସାହୁ, ଓଜସ୍ୱିନୀ ସୁନାନୀ, ଜେମା ମଞ୍ଜରୀ ପାଣ୍ଡେ ପ୍ରମୁଖ ବ୍ୟବସ୍ଥା କରିଥିଲେ। ପାର୍ବତୀ ମଲ୍ଲିକ, ପ୍ରମୋଦିନି ପଣ୍ଡା, ପ୍ରମିଳା ଶର୍ମା, ଯାମିନି ସାହୁ, ସୋନିଆ ସାହୁ, ଦୀପାଞ୍ଜଳି ସାହୁଙ୍କୁ ସମାଜସେବା ଓ ସାହିତ୍ୟ ପାଇଁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ମହେନ୍ଦ୍ର ନାଏକ, ହେମନ୍ତ ଦଣ୍ଡସେନା, ମନିଷ ତିୱାରୀ ପ୍ରମୁଖ ସହଯୋଗିତା କରିଥିଲେ।

# ବାଲାଜୀ ବୈରାଗୀ ଯୁବ ସମାଜ ଗଠନ

**କୋକସରା/ଲଡୁଗାଁ, ୩।୩ (ସମିସ):** କୋକସରା ବ୍ଲକ ଲଡୁଗାଁ ନିୟନ୍ତ୍ରଣ ବଜାର କମିଟି ପରିସରରେ ରବିବାର ଲଡୁଗାଁ ଶ୍ରୀ ବାଲାଜୀ ବୈରାଗୀ ଯୁବ ସମାଜର ଏକ ନୂତନ ସଂଘ ଗଠିତ ହୋଇଛି। ବୈଠକରେ ସୁରଞ୍ଜନ ଦାସ, ପୂର୍ବତନ ସରପଞ୍ଚ କହ୍ନାଇ ଚରଣ ଦାସ, ରବି ଦାସ, ସିଆରପିଏଫ ଯବାନ ମନୋଜ ଦାସ, ଜିତେନ୍ଦ୍ର ଦାସ, ତୁଳସୀ ପ୍ରସାଦ ଦାସ, ପ୍ରଶାନ୍ତ ଦାସ, ଅଖିଳ ଚନ୍ଦ୍ର ଦାସ, ପଙ୍କଜ ଦାସ, ଆଦିତ୍ୟ ଦାସ, କୋଦଣ୍ଡ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ହନୁମାନ ମନ୍ଦିରର ରତ୍ନମୁଦ ଓ ପ୍ରତିଷ୍ଠା ଉତ୍ସବ

**ଲଡୁଗାଁ, ୩।୩ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ମୋଟେର ଶାନ୍ତିନଗରଠାରେ ନିର୍ମାଣାଧୀନ ହନୁମାନଙ୍କ ଭବ୍ୟ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା ପରେ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିରର ରତ୍ନମୁଦ ଓ ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠା କର୍ତ୍ତା ଭାବେ ସୁବ୍ରତ ରଞ୍ଜନ ପାଟଯୋଷୀ ଓ ଝରଣିକା ପାଟଯୋଷୀ ସପତ୍ନୀକ ରହିଥିବା ବେଳେ ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ ରାଜେନ୍ଦ୍ର ପାଟଯୋଷୀ ଓ ମନୋରମା ପାଟଯୋଷୀ ସପତ୍ନୀକ ରହିଥିଲେ। ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହେଉଛି। ନାମଯଜ୍ଞ ଅନୁଷ୍ଠିତ ହେବାସହ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ହୋଇଛି। କିଶୋର ଠାକୁର ପୂଜକ ଭାବେ ରହିଥିବା ବେଳେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ମନ୍ଦିର କମିଟିର ସଦସ୍ୟ ରୋହନ ପାଟଯୋଷୀ, ସୁଯଜ୍ଞ ପାଟଯୋଷୀ, ବିଟୁନ ପାଟଯୋଷୀ, ଜଗମୋହନ ସିଂ, ଜି ଗଣେଶ ରାଓ, ବୁଜି ରାଓ, ବିଟୁ ପାଟଯୋଷୀ, ହରିଶଙ୍କର ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ଷୋହଳ ଖଣ୍ଡ ଗୋପାଳ ସମାଜର ବୈଠକ



**ଭବାନୀପାଟଣା, ୩।୩(ସମିସ):** ସଦର ବ୍ଲକ ଗଣନାଥପୁର ଗ୍ରାମ ସ୍ଥାନୀୟ ସତ୍ୟସାଇ ମନ୍ଦିର ପରିସରରେ ଶୋହଳ ଖଣ୍ଡ ଗୋପାଳ ସମାଜର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଲୋକନାଥ ମହାଖୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲା ଜୟପୁର ସଭାପତି କିଶୋର ଚନ୍ଦ୍ର ନାୟକ, ମୁଖ୍ୟ ବକ୍ତା ଭାବେ ଆଇନଜୀବୀ ରଘୁନାଥ ମହାଖୁଡ, କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ସଭାପତି ତ୍ରିନାଥ ମହାଖୁଡ, ଦୂଆରସୁନି ସଭାପତି ଲବକାନ୍ତ ମହାଖୁଡ, ଦାମୋଦରପୁର ସଭାପତି ବିଶ୍ୱନାଥ ମହାଖୁଡ, ଗଣନାଥପୁର ସଭାପତି ସଡକିଆ ମହାଖୁଡ, ଗୋପାଳପୁର ସଭାପତି ଯଶୋବନ୍ତ ନାୟକ, ଗୋପିନାଥପୁର ସଭାପତି ଭରତ ନାୟକ, ଗୌଡଗୁଡ଼ା ସଭାପତି ଅନନ୍ତ ପ୍ରସାଦ ନାୟକ, ମଦନପୁର ରାମପୁର ସମ୍ପାଦକ ସମ୍ପାଦକ ପଦ୍ମନାଭ ମହାଖୁଡ, ଭବାନୀପାଟଣା ପୁରୁଣା ପଡ଼ାରୁ ବରିଷ୍ଠ ଶିକ୍ଷକ ଇନ୍ଦ୍ରଜିତ ମହାଖୁଡ, ବିଭିନ୍ନ ଗ୍ରାମରୁ ଆସିଥିବା ସମ୍ପାଦକ, କୋଷାଧ୍ୟକ୍ଷ ସମେତ ସମାଜର ଅନ୍ୟାନ୍ୟ କର୍ମକର୍ତ୍ତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଜିଲ୍ଲା ସମ୍ପାଦକ ମନୋଜ କୁମାର ମହାଖୁଡ଼ ଓ କୋଷାଧ୍ୟକ୍ଷ ମଧୁସୂଦନ ମହାଖୁଡ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ଉପସଭାପତି ଦେବେନ୍ଦ୍ର ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# କାଣ୍ଡେଲ ପଞ୍ଚାୟତରେ ବିଜେଡିର ବୈଠକ

**କେସିଙ୍ଗା, ୩।୩(ସମିସ):** ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ଅଧୀନ କେସିଙ୍ଗା ବ୍ଲକ କାଣ୍ଡେଲ ପଞ୍ଚାୟତର ସିନ୍ଧବାହାଲି ଗାଁଠାରେ ସ୍ଥାନୀୟ ଅଧିବାସୀ ଏବଂ ଯୁବକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ ଯୋଗଦେଇ ତୃଣମୂଳ ସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ଲୋକାଭିମୁଖୀ ଯୋଜନା ଯଥା ‘ଆମ ଓଡ଼ିଶା ନବୀନ ଓଡ଼ିଶା’, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଅନ୍ୟାନ୍ୟ ଯୋଜନା କିଭଳି ପହଞ୍ଚି ପାରିବ ସେ ନେଇ ଆଲୋଚନା କରିଥିଲେ। ବିଜେଡି ସଂଗଠନକୁ ୱାର୍ଡସ୍ତରରୁ ଦୃଢ଼ କରିବା ସହିତ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନ ନବୀନ କାର୍ଡ କରିଥିବାରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସମସ୍ତେ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଯୁବନେତା ରାଜ ତାଣ୍ଡି, ମୁକେଶ ତାଣ୍ଡି, ମହେଶ ରଣା, ସୁରେଶ ରଣା, ରାହୁଲ ତାଣ୍ଡି, ତ୍ରିଲୋଚନ ସୁନା, ପ୍ରକାଶ ଲୁହା, ଆଶୁତୋଷ ବେହେରା, ବିଷ୍ଣୁ ବାଗ, ଲମ୍ବୋଦର ସୁନା, ସବିର ନାଏକ, ମହିଳା ନେତ୍ରୀ ମିନାକ୍ଷୀ ବିଶି, ବାସନ୍ତୀ ରାଉତ, ପ୍ରଭାସିନୀ ରଣା, କୃଷ୍ଣଚନ୍ଦ୍ର ନାଏକ, ଯୁବ-ଛାତ୍ର ମହିଳା, ବରିଷ୍ଠ କର୍ମକର୍ତ୍ତା ତଥା ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ।

# ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ଜୁନାଗଡ଼, ୩।୩(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ସ୍ଥିତ ଭୈରବ ନଗର ପୂଜା ମଣ୍ଡପରେ ଉତ୍କଳମଣି ସେବା ସଂସ୍ଥା ଦ୍ୱାରା ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ସଂସ୍ଥାର ସଭାପତି ମଧୁସୂଦନ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ମୁକେଶ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ହିମାଦ୍ରୀ ନାଏକ, ସନ୍ତୋଷ ସିଂହଦେଓ ଯୋଗ ଦେଇଥିଲେ। ସଫେଇ କର୍ମଚାରୀ ସମାଜର ପ୍ରକୃତ ଯୋଦ୍ଧା। କୋଭିଡ ସମୟରେ ସେମାନଙ୍କ କାର୍ଯ୍ୟ ବେଶ୍ ଉଲ୍ଲେଖନୀୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଅଜୟ ଦାସ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥାର ବରିଷ୍ଠ ସଦସ୍ୟ ଉଦ୍ଧବ ସାହୁ, ଦାମୋଦର ବେହେରା, ଅଶୋକ ସାହୁ, ଜୟନ୍ତ ଜେନା, ନିରଞ୍ଜନ ସାହାଣୀ, ରଶ୍ମିରଞ୍ଜନ ନାୟକ, କାଉନସିଲର ହିମାଦ୍ରୀ ସିନ୍ଦୂର ପ୍ରମୁଖ ଉଦ୍‌ବୋଧନ ଦେଇ ସଫେଇ କର୍ମଚାରୀଙ୍କ ସମାଜ ପ୍ରତି କିଭଳି ଅବଦାନ ରହିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ନବଘନ ସାହୁ ସଭା ପରିଚାଳନା କରିଥିଲେ।




# ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ଶବ

**ଲଡୁଗାଁ, ୩।୩(ସମିସ)**

ହାଇଦ୍ରାବାଦରେ ଏକ ଘରୋଇ କମ୍ପାନୀରେ ଦାଦନ ଶ୍ରମିକ ଭାବେ କାମ କରୁଥିବା କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କୋକସରା ସଦର ବଡ଼ ପଡ଼ାର ଗଜାନନ ବାଗ (୬୨)ଙ୍କ ଶବ ଗାଁକୁ ଫେରିଛି। ୪/୫ ତଳେ ପେଟପାଟଣା ପାଇଁ ସେ ହାଇଦ୍ରାବାଦ ଜିଲ୍ଲା ଉପ୍ପାଲ ନଗରରେ ଥିବା ଏକ ଠିକାସଂସ୍ଥା ନିକଟରେ କୋଠା କାର୍ଯ୍ୟରେ ନିୟୋଜିତ ରହିଥିଲେ। ତେବେ ଗତ ସପ୍ତାହରେ ତାଙ୍କ ସ୍ୱାସ୍ଥ୍ୟ ବିଗିଡିଥିଲା। ସାଥି ଶ୍ରମିକମାନେ ସ୍ଥାନୀୟ ଏକ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଗାଁକୁ ଶବ ଆଣିବାକୁ ଠିକାସଂସ୍ଥା ସହଯୋଗ କରି ନ ଥିଲା। ତାଙ୍କ ଝିଅ ଓ ଭଉଣୀ ଧାର ଉଧାର କରି ୪୫ ହଜାର ଟଙ୍କା ପଠାଇବା ପରେ ହାଇଦ୍ରାବାଦରୁ ଏକ ଆମ୍ବୁଲାନ୍ସରେ କୋକସରାର ଅନ୍ୟ ୨ ଶ୍ରମିକ ଶବ ନେଇ ଗାଁରେ ପହଞ୍ଚିଥିଲେ। ଗାଁ ମଶାଣିରେ ଅନ୍ତିମ ସଂସ୍କାର ହୋଇଛି। ତେବେ



ଗତବର୍ଷ କୋକସରା ବ୍ଲକର ପ୍ରାୟ ୧୧ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଚଳିତ ବର୍ଷ ୩ ମାସ ମଧ୍ୟରେ ୫/୬ ଜଣ ଦାଦନଙ୍କ ଶବ ଗାଁକୁ ଫେରିଲାଣି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

# ନର୍ଲା ଲୋକୋମୋଟିଭ୍ ୱର୍କସପ୍‌ର ଶିଳାନ୍ୟାସ ହେବ

**ନର୍ଲା, ୩।୩(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲାରେ କେନ୍ଦ୍ର ରେଳ ମନ୍ତ୍ରାଳୟ ଦ୍ୱାରା ପ୍ରସ୍ତାବିତ ଲୋକୋମୋଟିଭ୍ ୱର୍କସପ୍ (ବିଦ୍ୟୁତ୍ ଇଞ୍ଜିନ୍ ମରାମତି କାରଖାନା) ସ୍ଥାପନ ନେଇ ସୂଚନା ମିଳିଛି। ୧୫ ବର୍ଷର ବିଳମ୍ବ ହେଲେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ସମୟରେ ଏହାର ଶିଳାନ୍ୟାସ ହେବ। ସମ୍ବଲପୁର ରେଳବାଇ ଜୋନ ଲୋକ ସମ୍ପର୍କ ଅଧିକାରୀ ତ୍ରିବିକ୍ରମ ସେଠ୍ ଏହି ସୂଚନା ଦେଇଛନ୍ତି।

# କେସିଙ୍ଗାରେ ଜାତୀୟ ବନ୍ୟ ପ୍ରାଣୀ ଦିବସ

**କେସିଙ୍ଗା, ୩।୩(ସମିସ):** ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୟୁଥ୍ ଏବଂ ଇକୋ କ୍ଲବ ଦ୍ୱାରା ବିଦ୍ୟାଳୟ ପରିସରରେ ଜାତୀୟ ବନ୍ୟ ଜନ୍ତୁ ଦିବସ ପାଳନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ସମୀର ବେହେରାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ରୂପେ ବାଲସି ଜବାହର ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ଅଭୟ ଦେବତା, ବରିଷ୍ଠ ଶିକ୍ଷକ କହ୍ନେଇଲାଲ ସାହୁ, ହେମନ୍ତ ମହୁଲିଆ ଏବଂ କୁନା ସେଠି ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଡରା, କାଚପାଜୁ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



**ହରଭଙ୍ଗା/ଚାରିଛକ, ୩।୩(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଡ଼େଣିଗଡ଼ ପଞ୍ଚାୟତର ଦୁର୍ଗମ ଅଞ୍ଚଳ କଣ୍ଡରା, କାଚପାଜୁ ରାସ୍ତା ନିର୍ମାଣ ପାଇଁ ରବିବାର ମନ୍ତ୍ରୀ ପ୍ରଦୀପ ଅମାତ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୨କୋଟି ୧୬ଲକ୍ଷ ଟଙ୍କା ବ୍ୟୟ ବରାଦରେ ଖୋର୍ଦ୍ଧା ବଲାଙ୍ଗୀର ୫୭ନମ୍ବର ଜାତୀୟରାଜପଥରୁ ଦୁର୍ଗମ କଣ୍ଡରା, କାଚପାଜୁ, ସୁଲକେଟିକୁ ୧୨କିଲୋମିଟର ଉନ୍ନତମାନର ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି। ରାସ୍ତା ନିର୍ମାଣ ପାଇଁ ଏହି ଶିଳାନ୍ୟାସ ପରେ ଦୁର୍ଗମ ଅଞ୍ଚଳବାସୀଙ୍କ ଦୀର୍ଘ ବର୍ଷର ସ୍ୱପ୍ନ ପୂରଣ ହେବା ସହିତ ସେମାନେ ବିକାଶର ନୂଆ ସୂର୍ଯ୍ୟ ଦେଖିବେ। କଣ୍ଡରା, କାଚପାଜୁ ଭଳି ଏକ ଅପହଞ୍ଚ ଅଞ୍ଚଳର ବିକାଶ ଦିଗରେ ୨୦୧୭ରୁ ପ୍ରୟାସ ଜାରି ରହିଛି।

ଏହି ଘଟଣା ନେଇ ବାରମ୍ବାର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ ପରେ ଗତ ବର୍ଷ ମେ ମାସରେ ବୌଦ୍ଧର ତତ୍କାଳୀନ ଜିଲ୍ଲାପାଳ ସତ୍ୟରଞ୍ଜନ ସାହୁ ପହଞ୍ଚି ଥିଲେ। ଲୋକଙ୍କ ସମସ୍ୟା ପାଖରୁ ଦେଖିଥିଲେ।ଜାତୀୟ ରାଜପଥରୁ କଣ୍ଡରା, କାଚପାଜୁ ସଡକ ପ୍ରକଳ୍ପ ଅନୁମୋଦନ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏକ ଯୋଜନା ପ୍ରସ୍ତୁତ କରି ସରକାରଙ୍କୁ ପଠାଇଥିଲେ। ବିଳମ୍ବରେ ହେଉ ପଛେ ରାଜ୍ୟ ସରକାରଙ୍କ ପକ୍ଷରୁ କଣ୍ଡରା-କାଚପାଜୁ ରାସ୍ତା ନିର୍ମାଣ ପାଇଁ ୧୨କୋଟି ୧୬ଲକ୍ଷ ଟଙ୍କା ମଞ୍ଜୁରୀ ପରେ ସେମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳାଇ ଦେଇଛି।

## ଭୁଲ୍ ସୁଧାରିଲେ; ସୂଚନାଫଳକ ଲଗାଇଲେ

**ହରଭଙ୍ଗା, ୩।୩(ସମିସ)**

‘ସକାଳ’ ପ୍ରଭାବ

ହରଭଙ୍ଗା ବ୍ଲକ ହରଭଙ୍ଗା ପଞ୍ଚାୟତ ଅଧୀନ ନୂଆକୋଡାସିଙ୍ଗା ଗ୍ରାମରେ ବିନା ସୂଚନା ଫଳକରେ ପକ୍କା ରାସ୍ତା ନିର୍ମାଣ କାମ ହେଉଥିବା ରବିବାର ଦୈନିକ ‘ସକାଳ’ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ଚେତା ପଶିଛି। ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ପ୍ରକାଶ ବେହେରା କାର୍ଯ୍ୟସ୍ଥଳରେ ତରବରିଆ ଭାବେ ସୂଚନା ଫଳକ ତିଆରି କରି କାର୍ଯ୍ୟ ବିବରଣୀ ଲେଖିଛନ୍ତି। ଏହି କାର୍ଯ୍ୟ ସମ୍ପର୍କରେ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ପଚରା ଯାଇଥିଲା; କିନ୍ତୁ ଯନ୍ତ୍ରୀ ଜଣଙ୍କ କୌଣସି କଥା ଜାଣି ନ ଥିବା ବେଳେ କେଉଁ ଅନୁଦାନରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାଙ୍କୁ ଜଣାନାହିଁ ବୋଲି କହି ଫୋନ୍ କାଟି ଦେଇଥିଲେ।




ଦୈନିକ ‘ସକାଳ’ରେ ଖବର ପ୍ରକାଶ ପାଇବା ହେବା ପରେ ସଙ୍ଗେ ସଙ୍ଗେ କିପରି ସୂଚନା ଫଳକ ନିର୍ମାଣ କରାଗଲା ତାହାକୁ ନେଇ ଏବେ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତରା ନୀତିକୁ ନେଇ ପଞ୍ଚାୟତରେ ଆଲୋଚନା ଜୋର ଧରିଛି। ତେଣୁ ପଞ୍ଚାୟତରେ ଯାହାବି ଉନ୍ନତିମୂଳକ କାର୍ଯ୍ୟ ହେଉଛି ତାହା ବାଟମାରଣ ହେଉଥିବା ୱାର୍ଡସଭ୍ୟ ଜୟଦେବ କର୍ଣ୍ଣ ଅଭିଯୋଗ କରିଛନ୍ତି।

## ମାହେଶ୍ୱରୀ ସଂଗଠନ ତରଫରୁ ରକ୍ତଦାନ ଶିବିର

### ୫୪ ୟୁନିଟ୍ ରକ୍ତ ସଂଗ୍ରହ



**ତରଭା, ୩।୩(ସମିସ):** ତରଭାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାହେଶ୍ୱରୀ ତରଫରୁ ଏକ ରକ୍ତଦାନ ଶିବିର ସ୍ଥାନୀୟ ମାରୱାଡି ଧର୍ମଶାଳରେ ରବିବାର ଆୟୋଜିତ ହୋଇଯାଇଛି। ତରଭା ଏନଏସି ଉପ ନଗରପାଳ ଗଗନ ଅଗ୍ରୱାଲ, ମାହେଶ୍ୱରୀର ନିର୍ଦ୍ଦେଶକ ଅଙ୍କୁଶ ପଣ୍ଡିଆ ଓ ଉପଦେଷ୍ଟା ଦଶରଥ ସାହୁ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୫୪ଜଣ ରକ୍ତଦାନ କରିଥିଲେ।

ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ କଲେଜ ଡାକ୍ତରଖାନାର ଡାକ୍ତର ସୁମିତ ମୁଣ୍ଡ, ଟେକ୍‌ନିସିଏନ ଜ୍ୟୋତିର୍ମୟୀ ନାଏକ, ଶେଖ୍ ଅବଦୁଲ ଅସରଫ, ରଞ୍ଜିତ ବେହେରା, ସ୍ୱାଗତିକା ରାଉଳ, କେଶବ ସାଣ୍ଡ, ପ୍ରକାଶଚନ୍ଦ୍ର ନାଗ ରକ୍ତ ସଂଗ୍ରହ କରିଥିଲେ। ସଭାପତି ପ୍ରଦୀପ ମେହେରଙ୍କ ନେତୃତ୍ୱରେ ଆୟୁଷ ଅଗ୍ରୱାଲ, ମାଧବ ସାହୁ, ବୁବୁନ ରଣା, ରଘୁନାଥ ବେହେରା, ରିଙ୍କୁ ମେହେର, ପ୍ରଶାନ୍ତ ସେଠୀ, ସିଦ୍ଧାର୍ଥ ନାଗ ପ୍ରମୁଖ ସହଯୋଗ କରିଥିଲେ।

## ଭୟାବହ ଅଗ୍ନିକାଣ୍ଡରେ ୩ ପରିବାର ସର୍ବସ୍ୱାନ୍ତ



**ବୌଦ୍ଧ, ୩।୩(ସମିସ):** ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ବିରିଗଡ଼ ଗ୍ରାମର ତଲାଗୁଲା ସାହିରେ ରବିବାର ଅପରାହ୍ନ ପ୍ରାୟ ୩ଟା ବେଳେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୩ଟି ପରିବାରର ଘର ପୋଡି ଯାଇଛି। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ନଡ଼ା ଛପର ଘର ହୋଇଥିବାରୁ ନିଆଁକୁ ଆୟତ୍ତ କରି ପାରି ନ ଥିଲେ। ବୌଦ୍ଧରୁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚ ନିଆଁ ଆୟତ୍ତ କରିଥିଲେ ମଧ୍ୟ ସେତେ ବେଳକୁ ସବୁ ପୋଡ଼ି ଯାଇଥିଲା। ଅଗ୍ନିକାଣ୍ଡରେ ତରଣୀ ପ୍ରଧାନ, ଭାବିନ୍ଦ୍ର ପ୍ରଧାନ, ପତିତ ପ୍ରଧାନଙ୍କ ପାରିବାରର ଆସବାପତ୍ର, ଖାଦ୍ୟଶସ୍ୟ ସହିତ ଅନ୍ୟାନ୍ୟ ସାମଗ୍ରୀ ସମ୍ପୂର୍ଣ୍ଣ ପୋଡ଼ି ଯାଇଛି।

## ଆଜିଠୁ ସପ୍ତମ ବୌଦ୍ଧ କପ୍ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ବୌଦ୍ଧ, ୩।୩(ସମିସ):** ବୌଦ୍ଧ ଜିଲ୍ଲା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ମାର୍ଚ୍ଚ ୪ ତାରିଖରୁ ଜିଲ୍ଲା ଷ୍ଟାଡିୟମରେ ସପ୍ତମ ବୌଦ୍ଧ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥିରେ ବୌଦ୍ଧ ସମେତ ୭ଟି ଜିଲ୍ଲାରୁ କ୍ରିକେଟ ଦଳ ଅଂଶଗ୍ରହଣ କରୁଥିବା ଜିଲ୍ଲା କ୍ରିକେଟ ଆସୋସିଏସନ ସଭାପତି ନିରଞ୍ଜନ ମେହେର ଓ ସମ୍ପାଦକ ଯୁଗଳ କିଶୋର ସାମଲ ସୂଚନା ଦେଇଛନ୍ତି। ୧୦ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ପ୍ରତିଦିନ ସକାଳ ୯ ଟାରୁ ମ୍ୟାଚ ଆରମ୍ଭ ହେବ। ସୋମବାର ଗ୍ରୁପ ‘ଏ’ ର ମହାନଦୀ ସ୍ପୋର୍ଟିଂ ବୌଦ୍ଧ ସହିତ ଏସଡିସିଏ ସୋନପୁର, ୫ ତାରିଖରେ ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ ସମ୍ବଲପୁର ସହିତ ପ୍ରୋଗ୍ରେସିଭ ଆସୋସିଏସନ ଝାରସୁଗୁଡା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ୬ ତାରିଖ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ୭ ତାରିଖ ଗ୍ରୁପ ‘ବି’ର ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ସହିତ ପାଓନିଅର କ୍ଲବ ଫୁଲବାଣୀ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ୮ ତାରିଖ ଏସିସି ଅନଗୁଳ ସହିତ ନବକିଶୋର କ୍ରିକେଟ କ୍ଲବ ବଲାଙ୍ଗୀର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ୯ ତାରିଖ ଦିନ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେଉଥିବାବେଳେ ୧୦ ତାରିଖ ଦିନ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆସୋସିଏସନ ତରଫରୁ ସୂଚନା ଦିଆଯାଇଛି।

## ନାଗବାଚା ମନ୍ଦିର ପ୍ରତିଷ୍ଠା ମହୋତ୍ସବ

**ବିନିକା, ୩।୩(ସମିସ):** ବିନିକା ବ୍ଲକ କୈନ୍ତିରା ପଞ୍ଚାୟତ ବାଞ୍ଜିପାଲି ଗ୍ରାମରେ ନବ ନିର୍ମିତ ନାଗବାଚା ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହୋଇଛି। ନାଗବାଚା ମନ୍ଦିର ପ୍ରତିଷ୍ଠା କମିଟି ଆନୁକୂଲ୍ୟରେ ଏହା ୯ ଦିନ ଧରି ଚାଲିବ। ପ୍ରଥମ ଦିନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ଜଳାଶୟରୁ ଗଙ୍ଗା ମାତାଙ୍କୁ ପୂଜାର୍ଚ୍ଚନା କରି ପୂର୍ଣ୍ଣ କଳସ ଆଣି ଯଜ୍ଞମଣ୍ଡପ ପରିସରରେ ସ୍ଥାପନ କରିଥିଲେ।

ମହୋତ୍ସବର ମୁଖ୍ୟ ପୂଜକ ଭାବେ ବାସୁଦେବ ହୋତା ଓ ମୁଖ୍ୟ କର୍ତ୍ତା ଭାବେ ଏକାଦଶୀଆ ମେଲ୍ଲୀ, ସବିତା ମେଲ୍ଲୀ, ନାମଯଜ୍ଞରେ ଅବିନାଶ ମିଶ୍ର, ନାରାୟଣ ପୁରୋହିତ, ପୂଜକ ତଥା କର୍ତ୍ତା ଭାବେ ଅକ୍ଷୟ ନାୟକ, ପୁଷ୍ପାଞ୍ଜଳି ନାୟକ, ଚଣ୍ଡୀପାଠରେ କିଶୋରଚନ୍ଦ୍ର ଦାଶ ପୂଜକ ଓ ବାସୁଦେବ ମେଲ୍ଲୀ, ଖିରେସ୍ୱରି ମେଲ୍ଲୀ କର୍ତ୍ତା, ନବାହ୍ନ ପାରାୟଣରେ ସୋମନାଥ ମେହେର, ପଇଁତା ମେହେର କର୍ତ୍ତା ଦାୟିତ୍ୱ ନିର୍ବାହ କରିଛନ୍ତି। ବ୍ୟାସ ନୀଳମାଧବ ନାୟକଙ୍କ ଦ୍ୱାରା ନବାହ୍ନ ପାରାୟଣ ଆରମ୍ଭ ହୋଇଛି। ସେହିପରି ୪ରୁ ୮ ତାରିଖ ପର୍ଯ୍ୟନ୍ତ ଜଳନ୍ଧର ଦରବାର, ୮ରୁ ୨୪ ପ୍ରହର ନାମଯଜ୍ଞ, ୧୦ରେ ଭଜନ ସଂଧ୍ୟା କାର୍ଯ୍ୟକ୍ରମ, ୧୧ରେ ପୂର୍ଣ୍ଣାହୁତି ରହିଛି। ସୁନିତା ସାହୁ ଓ ସୌରେନ୍ଦ୍ରି ଜାଲଙ୍କ ମଧ୍ୟରେ ସଂକୀର୍ତ୍ତନ୍ୟ ବୈଠକି ହେବ।

## ପଲ୍ସ ପୋଲିଓ ଅଭିଯାନର ଶୁଭାରମ୍ଭ

## ୪୧ ହଜାର ଶିଶୁଙ୍କୁ ଦିଆଯିବ ପୋଲିଓ ବୁନ୍ଦା





**ବୌଦ୍ଧ, ୩।୩(ସମିସ):** ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପିପିସିରେ ଜିଲ୍ଲାସ୍ତରୀୟ ପଲ୍ସ ପୋଲିଓ ଟୀକାକରଣ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀ ଡାକ୍ତର ଜୟକୃଷ୍ଣ ମିଶ୍ର ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମ ଶୁଭାରମ୍ଭ ସମୟରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଭଞ୍ଜ କିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ଡାକ୍ତର କିଶୋର ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଅଧୀକ୍ଷକ ଡାକ୍ତର ସଂଘମିତ୍ରା ପଣ୍ଡା, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ରୁପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ସାରା ଜିଲ୍ଲାରେ ଜନ୍ମରୁ ୫ ବର୍ଷର ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଉଛି।

ଏହି ପଲ୍ସ ପୋଲିଓ ଅଭିଯାନରେ ୦-୫ ବର୍ଷ ବୟସର ୪୧, ୭୦୩ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବାକୁ ଥିବାବେଳେ ୨୧୨ଟି ବୁଥ୍ ପାଇଁ ୮୪୮ ଜଣଙ୍କୁ ନିୟୋଜିତ କରାଯାଇଛି। ଏଥିପାଇଁ ୪୨୪ଟି ଟିମ୍ କରାଯାଇଥିବା ବେଳେ ତଦାରଖ ପାଇଁ ୩୮ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ବୌଦ୍ଧ ବ୍ଲକରୁ ୧୩୩୯୫, ହରଭଙ୍ଗା ବ୍ଲକର ୧୦୭୪୭, କଣ୍ଟାମାଳ ବ୍ଲକର ୧୫୬୩୫, ବୌଦ୍ଧ ପୌର ପରିଷଦର ୧୯୨୬ ଜଣ ଶିଶୁଙ୍କୁ ପଲ୍ସ ପୋଲିଓ ଖୁଆଯିବ।

## ଜଳନ୍ଧର ଓ ବୃନ୍ଦାବତୀ ବିବାହ ସମ୍ପନ୍ନ

ଡୁଙ୍ଗୁରିପାଲି ଜଳନ୍ଧର ଦରବାରର ଦ୍ୱିତୀୟ ସନ୍ଧ୍ୟା

**ଡୁଙ୍ଗୁରିପାଲି, ୩।୩(ସମିସ):** ଡୁଙ୍ଗୁରିପାଲି ଶିବ ମନ୍ଦିର, ଚଣ୍ଡି ମନ୍ଦିର, ହନୁମାନ ମନ୍ଦିର, ଭୈରବ ମନ୍ଦିର ସହ ବିନ୍ଧବାସିନି ମନ୍ଦିର ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ଜଳନ୍ଧର ଦରବାରର ଦ୍ୱିତୀୟ ସନ୍ଧ୍ୟାରେ ସିନ୍ଧୁ ନରେଶ ଜଳନ୍ଧରଙ୍କ ସହ କାଳନେମୀଙ୍କ ଝିଅ ବୃନ୍ଦାବତୀଙ୍କ ବିବାହ ସମ୍ପନ୍ନ ହୋଇଛି। ଏହି ବିବାହରେ କନ୍ୟା ପିତା ମାତା ଭାବେ ଗୌନ୍ତିଆ ସରୋଜ ବିଶ୍ୱାଳ ଓ ତାଙ୍କ ସହ ପତ୍ନୀ ଯୋଗଦେଇ କନ୍ୟାଦାନ କରିଥିଲେ। ଜଳନ୍ଧର ଦରବାରରେ ରାଜ ଅତିଥି ଭାବେ ‘ସକାଳ’ ପ୍ରତିନିଧି ପ୍ରକାଶ ହାତୀ, ସାମ୍ବାଦିକ ସୁଦାମା ସାହୁ, ପବିତ୍ର ମୋହନ ପାଣ୍ଡିଆ, ରତ୍ନାକର ସେଠ୍, ମୁକେଶ ଭୋଇ, ପ୍ରଶାନ୍ତ ସେଠୀ ଓ ଉମାକାନ୍ତ ବାଘ ଯୋଗଦେଇ ସିନ୍ଧୁ ଦେଶର ସମସ୍ତ ଖବର ପ୍ରକାଶ କରିବା ପାଇଁ ମହାରାଜ ଜଳନ୍ଧରଙ୍କଠାରେ ପ୍ରତିଶ୍ରୁତି ଦେଇଥିଲେ। ଧର୍ମେନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଜଳନ୍ଧର ଭୂମିକାରେ ଜଗଦାନନ୍ଦ ମିଶ୍ର ଅଭିନୟ କରୁଥିବା ବେଳେ କାଳନେମୀ ଭାବେ ଜଗଦୀଶ ଚନ୍ଦ୍ର ମିଶ୍ର, ଶୁକ୍ରାଚାର୍ଯ୍ୟ ଭାବେ ଦିଲୀପ ପୋଢ଼, ସେନାପତି ଭାବେ କରୁଣାକର ଭୁଏ, ରାହୁ ଭାବେ ଶିବ ମେହେର, ଦୂତ ଭାବେ ନାଭି ସାହୁ ନିଖୁଣ ଅଭିନୟ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକି ଉଠିଥିଲା।



## ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା



**ଡୁଙ୍ଗୁରିପାଲି, ୩।୩(ସମିସ):** ଡୁଙ୍ଗୁରିପାଲିରେ ଜିଲ୍ଲା ପରିବହନ ବିଭାଗ ଓ ଟ୍ରକ ସଂଘର ମିଳିତ ଆନୁକୂଲ୍ୟରେ ସଡ଼କସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟ ପରିସରରୁ ଏହା ବାହାରି ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଡୁଙ୍ଗୁରିପାଲି ଟ୍ରକ ମାଲିକ ସଂଘ ସଭାପତି ମୃତ୍ୟୁଞ୍ଜୟ ମିଶ୍ରଭ୍‌କ ସମେତ ମିନି ଟ୍ରକ୍ ସଂଘ ଓ ଡ୍ରାଇଭର୍ ମହାସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଶ୍ରୀୟା କର୍ମୀ ବୀରମହାରାଜପୁର ବ୍ଲକ୍ ବିଜେଡି ସଭାନେତ୍ରୀ



**ବୀରମହାରାଜପୁର, ୩।୩(ସମିସ):** ବୀରମହାରାଜପୁର ବ୍ଲକ ବିଜୁ ମହିଳା ଜନତା ଦଳର ନୂତନ ସଭାନେତ୍ରୀ ଭାବେ ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀଙ୍କୁ ନିଯୁକ୍ତ କରାଯାଇଛି। ରାଜ୍ୟ ବିଜୁ ମହିଳା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ଶ୍ରୀମତୀ କର୍ମୀ ପୂର୍ବରୁ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା, ସ୍ଥାନୀୟ ପଞ୍ଚାୟତ ସମିତି ଉପାଧ୍ୟକ୍ଷା, ପିତାମହୁଲ ଓ ଉଫୁଲା ପଞ୍ଚାୟତର ସମିତିସଭ୍ୟା ଦାୟିତ୍ୱ ତୁଲାଇଛନ୍ତି। ସେ ବର୍ତ୍ତମାନ ଉଫୁଲାର ସରପଞ୍ଚ ସହ ଉଫୁଲା ସେବା ସମବାୟ ସମିତିର ଉପସଭାନେତ୍ରୀ, ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ ଓ ଜିଲ୍ଲା ସରପଞ୍ଚ ସଂଘ ସାଧାରଣ ସମ୍ପାଦିକା ଅଛନ୍ତି।

## ଶିକ୍ଷକ-ଅଭିଭାବକ ସଭା



**ସୋନପୁର, ୩।୩(ସମିସ):** ସୁବର୍ଣ୍ଣପୁର ସଦର ମହକୁମାସ୍ଥିତ ସେଣ୍ଟ ଆନିସ୍ କନଭେଣ୍ଟ ସ୍କୁଲ ସଭାଗୃହରେ ଶିକ୍ଷକ-ଅଭିଭାବକ ସଭା ଅନୁଷ୍ଠିତ ଯାଇଛି। ପ୍ରିନ୍ସିପାଲ୍ ଜିନ୍ ଜୋସେଫ ସଭାରେ ଯୋଗଦେଇ ଶିକ୍ଷକ ଓ ଅଭିଭାବକ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହ ନିଜ ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କଲେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି କହିଥିଲେ।

## ଘରେ ଘରେ ଲାଗିଲା ଶଙ୍ଖ





**ବୌଦ୍ଧ, ୩।୩(ସମିସ)**

କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ଜୋନ ନଂ-୫ର ମୁଣ୍ଡିପଦର ପଞ୍ଚାୟତର କଳାପଥର ଏବଂ ରାଉତବାହଲ ଗ୍ରାମରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅଧୀନ ବିଜୁ ଜନତା ଦଳ ପକ୍ଷରୁ ପରିବାର ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରାରେ ବିଧାୟକ ପ୍ରତିନିଧି ସୁଧାଂଶୁ ଶେଖର ରଣା, ସରପଞ୍ଚଙ୍କ ପ୍ରତିନିଧି ତଥା ବରିଷ୍ଠ ବିଜେଡି ନେତା ମହେନ୍ଦ୍ର ପ୍ରଧାନ, ମିଶନଶକ୍ତି ମହିଳା ସଭାନେତ୍ରୀ ରିତା ବେହେରା, ସ୍ଥାନୀୟ ସମିତିସଭ୍ୟ, ୱାର୍ଡସଭ୍ୟ ଏବଂ ସମସ୍ତ କର୍ମୀ, ଛାମୁଆ ସଂଗଠନର କର୍ମକର୍ତ୍ତାଙ୍କ ସମେତ ବିଜେଡି ସମର୍ଥକ ଯୋଗ ଦେଇଥିଲେ। ପ୍ରତ୍ୟେକ ଘରେ ଶଙ୍ଖ ଚିହ୍ନ ପୋଷ୍ଟର ଲଗାଯାଇଥିଲା।

## ମନମୁଣ୍ଡାକୁ ଏନ୍‌ଏସି ମାନ୍ୟତା ନେଇ ‘୫-ଟି’ ଅଧ୍ୟକ୍ଷଙ୍କୁ ଦାବିପତ୍ର

**ମନମୁଣ୍ଡା, ୩।୩(ସମିସ):** ମନମୁଣ୍ଡାକୁ ଏନ୍‌ଏସି ଘୋଷଣା ତଥା ମାନ୍ୟତା ପ୍ରଦାନ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜରିଆରେ ରବିବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମନମୁଣ୍ଡା ନିବାସୀ ତଥା ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର ନବୀନ ନିବାସରେ ‘୫-ଟି’ ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ସାକ୍ଷାତ କରି ହସ୍ତତନ୍ତର ଏକ ଜଗନ୍ନାଥ ଫଟୋ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ଏହି ଦାବି ପତ୍ର ପ୍ରଦାନ କରିଥିଲେ। ମନମୁଣ୍ଡା ଏନ୍‌ଏସି କ୍ରିୟାନୁଷ୍ଠାନ କମିଟି ର ଅନୁରୋଧକ୍ରମେ କମିଟିର ଦାବିପତ୍ରକୁ ରାଜ୍ୟ ବୟନିକା ସଭାପତି ଶ୍ରୀ ମେହେର ପ୍ରଦାନ କରିଥିଲେ।



ସକାଳ
THE SAKALA



## ବୋଲେରୋ ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ

**ଭବାନୀପାଟଣା, ୩।୩(ସମିସ):** ସଦର ଥାନା ଛତିଗୁଡା ନିକଟରେ ସନ୍ଧ୍ୟାରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ ଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ବୋଲେରୋ ସହ ବାଇକର ମୁହାଁ ମୁହିଁ ଧକ୍କାରେ ୨ ଯୁବକଙ୍କ ଜୀବନ ଚାଲିଯାଇଛି। ମୃତ ଯୁବକ ଦ୍ୱୟ ହେଲେ କିଡିଙ୍ଗ ଗ୍ରାମର ଜଗତାନନ୍ଦ ଶବର (୨୪) ଓ କପିଳାସ ରାଉତ (୨୪)। ଜଗତାନନ୍ଦ ଓ କପିଳାସ ଏକ ବୁଲେଟରେ ଖଇରମାଲସ୍ଥିତ ନିଜ ସାଙ୍ଗ ଘରକୁ ଯାଉଥିବାବେଳେ ଛତିକୁଡ଼ା ଛକ ନିକଟରେ ଏକ ବୋଲେରୋ ସେମାନଙ୍କୁ ଧକ୍କା ଦେଇଥିଲା। ସଦର ଥାନା ପୁଲିସ ମୃତଦେହ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ଅଟକ ରଖିଛି।

## ଟ୍ରକ୍ ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ଭବାନୀପାଟଣା, ୩।୩ (ସମିସ):** ଖଇରମାଲ ଛକ ନିକଟରେ ବେଦାନ୍ତର ଏକ ହାଇୱା ଧକ୍କାରେ ଜଗନ୍ନାଥପୁର ଗାଁର ଯୁଗଳ ଶବର(୪୦)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ସ୍ତ୍ରୀ ଉର୍ମିଳା ଶବର (୩୪) ଗୁରୁତର ହୋଇଛନ୍ତି। କାଉଗୁଡାରେ ହଷ୍ଟେଲରେ ରହି ପାଠ ପଢୁଥିବା ଝିଅକୁ ଦେଖା କରି ଉଭୟ ଫେରୁଥିଲେ। ଉର୍ମିଳାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଡାକ୍ତର ତାଙ୍କୁ ବୁର୍ଲା ସ୍ଥାନାନ୍ତର କରିଛନ୍ତି।

## ସ୍କୁଟିରୁ ଖସି ବୁଲା ବିକାଳିଙ୍କ ମୃତ୍ୟୁ

**ଭବାନୀପାଟଣା, ୩।୩(ସମିସ):** ରବିବାର ସକାଳେ ପାଷ୍ଟିକୁଡି ନିକଟରେ ସ୍କୁଟିରୁ ପଡ଼ି ଜଣେ ବୁଲା ବିକାଳିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆନ୍ଧ୍ରପ୍ରଦେଶ ବିଜୟନଗରମ ଅଞ୍ଚଳର ଜବାହରଲାଲ ଯାଦବ। ସେ ସ୍କୁଟିରେ ଗାଁ ଗାଁ ବୁଲି ବିଭିନ୍ନ ଜିନିଷ ବିକ୍ରି କରୁଥିଲେ। ଉତକେଲାରୁ ପାଷ୍ଟିକୁଡି ଆସୁଥିବା ସମୟରେ ଭାରସାମ୍ୟ ହରାଇ ପଡ଼ିଯିବା ପରେ ମୃତ୍ୟ ଘଟିଥିଲା।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ବଲାଙ୍ଗିର, ୩।୩(ସମିସ):** ଶୋଇଥିଲା ସମୟରେ କାମୁଡି ଦେଲା ସାପ। ଅକାଳରେ ଚାଲିଗଲା ଜୀବନ। ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ସାରସମାଲ ଗ୍ରାମର ଜଣେ ଯୁବକଙ୍କୁ ସାପ କାମୁଡିବା ଯୋଗୁଁ



ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ବିଜୟ ନାଗ। ବୟସ ୨୮ ବୋଲି ଜଣାପଡିଛି। ପ୍ରକାଶ ଯେ ବିଜୟ ଗତକାଲି ରାତିରେ ଖାଇ ପିଇ ଘରେ ଶୋଇ ଥିଲେ। ଏହି ସମୟରେ ଏକ ସାପ ତାଙ୍କୁ ଦଂଶନ କରିଥିଲା। ପରିବାର ଲୋକେ ଏହା ଜାଣିବା ପରେ ତୁରନ୍ତ ତାଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ୍ ହସ୍ପିଟାଲକୁ ଆଣିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବିଜୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପୁଅର ମୃତ୍ୟୁ ହୋଇଥିବାରୁ ପରିବାରରେ ଶୋକର ଛାୟା ଖେଳିଯାଇଛି।

### ଦେଓଗାଁରେ ଏକ୍ସପ୍ରେସ ଟ୍ରେନ ରହଣି ପ୍ରସଙ୍ଗ

## ଦଶ ଦିନର ମହଲତ, ନ ହେଲେ ଆନ୍ଦୋଳନ

**ଦେଓଗାଁ, ୩।୩(ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ରେଳ ଷ୍ଟେସନ ଠାରେ ଏକ୍ସପ୍ରେସ ଟ୍ରେନ ଇସ୍ପାତ ଓ ପୁରୀ ଦୁର୍ଗ ରହଣି ଦାବିକୁ ନେଇ ରବିବାର ୨୬ ପଞ୍ଚାୟତ



ଜନପ୍ରତିନିଧିଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାପ୍ତାହିକ ବଜାର ପ୍ରାଙ୍ଗଣରେ ସରପଞ୍ଚ ନିନା ଛତ୍ରିଆଙ୍କ ସଭାପତିତ୍ୱ ତଥା ସେବକ ବାରିକଙ୍କ ପରିଚାଳନାରେ ବୈଠକ ବସିଥିଲା। ପ୍ରଥମେ ବିଗତ ଦୁଇ ଦଶନ୍ଧି ଧରି ଅଞ୍ଚଳବାସୀ ଏହି ଦାବୀ କରିଆସୁଥିଲେ ହେଁ ତତ୍କାଳୀନ ସାଂସଦ ଓ ବର୍ତ୍ତମାନର ସାଂସଦ କୌଣସି ପଦକ୍ଷେପ ନ ନେବା ଏକ ପରିତାପର ବିଷୟ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଆଗାମୀ ଦଶ ଦିନ ମଧ୍ୟରେ ଯଦି ସମ୍ପୃକ୍ତ ବିଭାଗ ଏକ୍ସପ୍ରେସ ଟ୍ରେନ ରହଣି ଦିଗରେ ଠୋସ ପଦକ୍ଷେପ ଗ୍ରହଣ ନ କଲେ ମହାରେଳ ରୋକ ଆନ୍ଦୋଳନ ତଥା ଭୋଟ ବର୍ଜନ ନିଷ୍ପତି ଗ୍ରହଣ କରାଯିବ ବୋଲି ବୈଠକରେ ଅଞ୍ଚଳବାସୀ ଚେତାବନୀ ଦେଇଥିଲେ। ଚଳିତ ନିର୍ବାଚନ ସମୟରେ ଦେଓଗାଁ ବ୍ଲକ ୨୬ଟି ପଞ୍ଚାୟତରେ ସାଂସଦଙ୍କୁ ବିରୋଧ କରାଯିବ ବୋଲି ମତପ୍ରକାଶ ପାଇଥିଲା। ସର୍ବସମ୍ମତିକ୍ରମେ ପ୍ରଥମେ ସାଂସଦଙ୍କୁ ପୁନଶ୍ଚ ସାକ୍ଷାତ କରି ଅଞ୍ଚଳର ବୃହତ ସ୍ୱାର୍ଥ ଦୃଷ୍ଟିକୁ ଆଖି ଆଗରେ ରଖି ଯୁଦ୍ଧକାଳୀନ ଭିତ୍ତିରେ ଇସ୍ପାତ ଟ୍ରେନ ରହଣି ପାଇଁ ଦାବି କରିବାକୁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ବୈଠକରେ ଦେଓଗାଁ ବ୍ଲକ ସରପଞ୍ଚ ସଂଘ ସଭାପତି ଗୋପାଳଚନ୍ଦ୍ର ମିଶ୍ର, ହାତୀସରା ସରପଞ୍ଚ କେଲୋ ଡାଙ୍ଗ, ସମିତିସଭ୍ୟ ତଥା ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମଟୀ ସଭାପତି ବିଶ୍ୱଜିତ ପାତ୍ର, ମୁଖ୍ୟ ଉପଦେଷ୍ଟା ଡା. ଶଶିଭୂଷଣ ସାହୁ, ବସନ୍ତ ଅଗ୍ରୱାଲ ଜରାସିଂହା ସରପଞ୍ଚ କୁଶମଣି ମେହେର, ଦେଓଗାଁ ନାଏବ ସରପଞ୍ଚ ଗୁଣନିଧି ବାରିକ, ଧନମତ ପନୁଆଁ, ରାଘବ ନାଗ, ମୋହନ ସୁନା, ବଳ ସୁନା, ମଦନ ସୁନା ପ୍ରମୁଖ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

## ଭିତ୍ତିପ୍ରସ୍ତରଦେଲେ ପୌରାଧ୍ୟକ୍ଷା ଓ ପୂର୍ବତନ ସାଂସଦ

**ବଲାଙ୍ଗିର, ୩।୩(ସମିସ):** ଏବେ ଖୁବ୍ ଆକର୍ଷଣୀୟ ଓ ଆଧୁନିକ ହେବ ବଲାଙ୍ଗିର ଟାଉନ ହଲ୍। ସେଥିପାଇଁ ଆଜି ପୂର୍ବାହ୍ନରେ ବଲାଙ୍ଗିର ପୌର ପରିଷଦ ତରଫରୁ ପୌରାଧ୍ୟକ୍ଷା ଲିକା ସାହୁ ଓ ପୂର୍ବତନ ସାଂସଦ ତଥା ବର୍ତ୍ତମାନର ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ ଟାଉନ ହଲ୍ ରୂପାନ୍ତରଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଟାଉନ ହଲ୍ ରୂପାନ୍ତରଣ ପାଇଁ ରାଜ୍ୟ ସରକାର ୧ କୋଟି ୫୧ ଲକ୍ଷ ରେ ଟାଉନ ହଲ୍‌ର ପୁସ ଚେୟାର, ସାଉଣ୍ଡ , ସିଲିଂ, ଷ୍ଟେଜ, ପରଦାର ଆଧୁନିକୀକରଣ କରାଯିବ। ରାଜ୍ୟ ହାଉସିଂବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ ଆହୁରି ୨ କୋଟି ଟଙ୍କା ମଞ୍ଜୁରୀ ହେବ ଏବଂ ସେହି ଟଙ୍କାରେ ଟାଉନ ହଲର ବାହାର କାମ ଆକର୍ଷଣୀୟ କରାଯିବ ବୋଲି ପ୍ରକାଶ କରିଛନ୍ତି। ସେହିପରି ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ଼ ୨୧ର ଶାସ୍ତ୍ରୀ ନଗର କଲ୍ୟାଣ ମଣ୍ଡପ ପାଇଁ ୨.୫ କୋଟିରେ ୱାର୍ଡ଼ ୧୭ର ବିଷ୍ଣୁମୁଣ୍ଡା କଲ୍ୟାଣ ମଣ୍ଡପ ପାଇଁ ୩ କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା କଲ୍ୟାଣ ମଣ୍ଡପର ଶୁଭ ଭିତ୍ତିପ୍ରସ୍ତର କରାଯାଇଛି। ଏହି ଅନୁଦାନ ପାଇଁ ଶ୍ରୀମତୀ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, କାଉନ୍‌ସିଲର ଶତ୍ରୁଘ୍ନ ବାଗ, ପ୍ରତିମା ଛତ୍ରିଆ, ଶମ୍ଭୁ ନାଗ, ନନ୍ଦିନୀ ପୋଢ଼, ସନ୍ତୋଷିନୀ କୁଅଁର ତଥା ବହୁ ବିଜେଡି ନେତା, କର୍ମୀ ତଥା ୱାର୍ଡ଼ର ବହୁ ମହିଳା, ଯୁବକ ଉପସ୍ଥିତ ଥିଲେ।



**ବଲାଙ୍ଗିର ଟାଉନ ହଲ୍ ପାଇଁ ୧ କୋଟି ୫୧ ଲକ୍ଷ**
**ଶାସ୍ତ୍ରୀନଗର କଲ୍ୟାଣ ମଣ୍ଡପ ପାଇଁ ୨.୫୦ କୋଟି**
**ବିଷ୍ଣୁମୁଣ୍ଡା କଲ୍ୟାଣ ମଣ୍ଡପ ପାଇଁ ୩ କୋଟି**

## ମାଟ୍ରିକ୍ ପରୀକ୍ଷା କେନ୍ଦ୍ରକୁ ନେଇ ଅସନ୍ତୋଷ

**ବୀରମହାରାଜପୁର, ୩।୩(ସମିସ):** ବୀରମହାରାଜପୁର ବ୍ଲକ ଦୁର୍ଜନଟେଲା ପଞ୍ଚାୟତର ସାଗଯୋରୀ ଉନ୍ନୀତ ହାଇସ୍କୁଲର ଦଶମ ଶ୍ରେଣୀ ପରୀକ୍ଷାର୍ଥୀ ନିଜ ବ୍ଲକର ପରୀକ୍ଷା କେନ୍ଦ୍ର ବଦଳରେ ଅନ୍ୟ ବ୍ଲକର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ସରକାର ନିଜ ସ୍କୁଲରୁ ନିକଟରେ ଥିବା ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା କରିଛନ୍ତି; ମାତ୍ର ସାଗଯୋରୀ ଉନ୍ନୀତ ହାଇସ୍କୁଲ ନିକଟରେ କୌଣସି ପରୀକ୍ଷା କେନ୍ଦ୍ର କରାଯାଇ ନାହିଁ। ଏହି ସ୍କୁଲର ନିକଟତମ ପରୀକ୍ଷା କେନ୍ଦ୍ର ହେଲା ଲୁଡୁରପଙ୍କ ହାଇସ୍କୁଲ; ମାତ୍ର ଏହି ପରୀକ୍ଷାକେନ୍ଦ୍ର ସାଗଯୋରୀ ହାଇସ୍କୁଲଠାରୁ ୧୫ କିଲୋ ମିଟର ଦୂର। ଏହା ସହିତ ମୁର୍ଷୁଣ୍ଡି ହାଇସ୍କୁଲ ପରୀକ୍ଷା କେନ୍ଦ୍ର ୨୩ କିଲୋମିଟର। ଖଣ୍ଡହତା ହାଇସ୍କୁଲ ପରୀକ୍ଷା କେନ୍ଦ୍ର ମଧ୍ୟ ୨୦ କିଲୋମିଟର ଦୂର। ସାଗଯୋରି ହାଇସ୍କୁଲ ନିକଟରେ ଅମରପାଲି ହାଇସ୍କୁଲ ଥିଲେ ମଧ୍ୟ ଏଠାରେ ପରୀକ୍ଷା କେନ୍ଦ୍ର କରାଯାଇନାହିଁ। ଉଲୁଣ୍ଡା ବ୍ଲକ କୋଟସମଲେଇ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ପିଲାମାନେ ପରୀକ୍ଷା ଦେଉଛନ୍ତି। ବ୍ଲକର ସମସ୍ତ ହାଇସ୍କୁଲର ପରୀକ୍ଷାର୍ଥୀ ନିଜ ବ୍ଲକର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଥିବା ବେଳେ କେବଳ ଏହି ହାଇସ୍କୁଲର ପରୀକ୍ଷାର୍ଥୀ ଅନ୍ୟ ବ୍ଲକର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। କେବଳ ଚଳିତ ବର୍ଷ ନୁହେଁ; ପ୍ରତିବର୍ଷ ଏହି ସ୍କୁଲର ପିଲା ଅନ୍ୟ ବ୍ଲକର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ଚଳିତ ବର୍ଷ ସାଗଯୋରୀ ଉନ୍ନୀତ ହାଇସ୍କୁଲରେ ଦଶମ ଶ୍ରେଣୀରେ ସମୁଦାୟ ୬୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ପଞ୍ଜୀକୃତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଏବେ ୫୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ଏହି ସ୍କୁଲ ନିକଟରେ ଅମରପାଲି ହାଇସ୍କୁଲରେ ପରୀକ୍ଷା କେନ୍ଦ୍ରର କରିବାର ସବୁ ସୁବିଧା ଥିଲେ ମଧ୍ୟ କାହିଁକି ବିଭାଗ ଏଠାରେ କେନ୍ଦ୍ର ନ କରି ପିଲାଙ୍କୁ ଅଲଗା ବ୍ଲକର କେନ୍ଦ୍ରକୁ ପରୀକ୍ଷା ଦେବାକୁ ବାଧ କରୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କୁ ପଚାରିବାରୁ ଯେହେତୁ ବୀରମହାରାଜପୁର ବ୍ଲକରେ ଏହି ସ୍କୁଲ ନିକଟରେ କୌଣସି ପରୀକ୍ଷା କେନ୍ଦ୍ର ନାହିଁ ତେଣୁ ସେହି ସ୍କୁଲ ନିକଟରେ ଥିବା ଉଲୁଣ୍ଡା ବ୍ଲକର କୋଟସମଲେଇ ହାଇସ୍କୁଲରେ ତାଙ୍କର ପରୀକ୍ଷା କେନ୍ଦ୍ର କରାଯାଇଛି।

## ଗାଁ ଦାଣ୍ଡରେ କେନାଲ ପାଣି ସୁଅ

**ସାହାଜପାଲ, ୩।୩(ସମିସ):** ବୌଦ୍ଧ ବ୍ଲକ ମୁଣ୍ଡିପଦର ପଞ୍ଚାୟତ ମୁଣ୍ଡିପଦର ଗ୍ରାମର ହନୁମାନ ମଠରୁ ସଂଯୋଗ ହୋଇଥିବା ଜଳସେଚନ ବିଭାଗ କେନାଲ ପାଣି ମୁଣ୍ଡିପଦର ଗ୍ରାମ ଦାଣ୍ଡରେ ନିରନ୍ତର ଭାବେ ବହି ଚାଲିଛି। କେନାଲ ପାଣି ଜଳସେଚନ ପାଇଁ ଉଦ୍ଦିଷ୍ଟ ଥିବାବେଳେ ବିଭାଗୀୟ ତ୍ରୁଟି ଯୋଗୁଁ ଅଯଥା ଅପଚୟ ହେଉଛି। ଏହା ଦ୍ୱାରା ଗ୍ରାମ ରାସ୍ତାରେ କାଦୁଅ ସୃଷ୍ଟି ହେବା ସହ ଗ୍ରାମର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାଦୁଅରେ ଯୋଗୁଁ ଅନେକ ସମୟରେ ବାଇକ ଏବଂ ସାଇକଲ ଦୁର୍ଘଟଣା ମଧ୍ୟ ହେଉଛି। ତୁରନ୍ତ ଏ ଦିଗରେ ଜଳସେଚନ ବିଭାଗ ନଜର ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।






### ଓଜେୟୁ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

## 'ସମାଜିକ ବିକାଶ, ଗଣତନ୍ତ୍ରର ରକ୍ଷାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ସୋନପୁର, ୩।୩(ସମିସ):** ସୁବର୍ଣ୍ଣପୁର ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଅନ୍ୟା ଦାସ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ ଯୋଗଦେଇ ସମାଜର ବିକାଶ ଏବଂ ଗଣତନ୍ତ୍ରର ସୁରକ୍ଷା ରକ୍ଷା କରିବାରେ ଗଣମାଧ୍ୟମର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରଶାସନ ପହଞ୍ଚି ପାରୁ ନଥିବା ଅଞ୍ଚଳର ସମସ୍ୟା ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶାସନ ଓ ସରକାରଙ୍କ ଆଗରେ ଉପସ୍ଥାପନ କରିଥାନ୍ତି। ଏହା ଫଳରେ ପ୍ରଶାସନ ଓ ସରକାର ଜନସାଧାରଣଙ୍କ ଆବଶ୍ୟକତା ପ୍ରତି ଯତ୍ନବାନ ହେବା ସହିତ ଆବଶ୍ୟକ ପଦକ୍ଷେପ ନେଇଥାନ୍ତି ବୋଲି ମତପ୍ରକାଶ ପାଇଥିଲା। ଓଡ଼ିଶା ସାମ୍ବାଦିକ ସଂଘ ରାଜ୍ୟ ସଭାପତି ଶଶିଭୂଷଣ ପ୍ରହରାଜ ମୁଖ୍ୟବକ୍ତା ଭାବରେ ମଦନ ସୁନ୍ଦର କ୍ଷେତୀ ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ବେଳାରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା କରିବା ସହିତ ଗଣମାଧ୍ୟମ ଓ ପ୍ରତିନିଧିଙ୍କ ନୈତିକତାପୂର୍ଣ୍ଣ କାର୍ଯ୍ୟ ଶୈଳୀ ଉପରେ ଆଲୋଚନା କରିଥିଲେ। ଉତ୍ସବରେ ସ୍ୱର୍ଗତ ଗୋପାଳ ମିଶ୍ରଙ୍କ ପତ୍ନୀ ପବିତ୍ରୀ ମିଶ୍ରଙ୍କୁ ଆଜୀବନ ଭତ୍ତା ପ୍ରଦାନ କରାଯାଇଥିଲା। ୨ୟ ପର୍ଯ୍ୟାୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ପୌରଧ୍ୟକ୍ଷା ତମସୀ ତମସ୍ୱିତା ନାୟକ, ଏଡିଏମ ଅଞ୍ଜଳିନା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରମୋଦ ସାହୁ, ଶଙ୍କର ଦାଶ, ଦୁର୍ଯ୍ୟୋଧନ ରାଉତ, ସନ୍ତୋଷ ମିଶ୍ର, ପିନାକୀ ପଣ୍ଡା, ଆଶିଷ ବାବୁ, ପ୍ରଶାନ୍ତ ବାବୁ, ପୀୟୂଷ ପଣ୍ଡା, ଶିବଦତ୍ତ ଚାନ୍ଦ, ସଞ୍ଜୀବ ରାଉତ ଆଦିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶଶୀଭୂଷଣ ପ୍ରହରାଜଙ୍କ ଅଧ୍ୟକ୍ଷ୍ୟତାରେ ଅନୁଷ୍ଠିତ ଅଧିବେଶନରେ ମନୋରଞ୍ଜନ ତ୍ରିପାଠୀ, ଦିଲ୍ଲୀପ ପାତ୍ର, ମହାଦେବ ମଲ୍ଲିକ ସଭା ପରିଚାଳନା କରିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ରାଜ୍ୟ ଉପସଭାପତି ରମଣି ରଞ୍ଜନ ଦାସ, ଦୀପକ ନାୟକ, ସୁଶାନ୍ତ ମହାପାତ୍ର, ରାଜ୍ୟ ସମ୍ପାଦକ ରାଜକିଶୋର ତ୍ରିପାଠୀ, ବାଙ୍କ ବିହାରୀ ବିଶୋଇ ଏବଂ ସମସ୍ତ ଜିଲ୍ଲାର ସଭାପତିମାନେ ସଂଗଠନିକ ଆଲୋଚନାରେ ଭାଗ ନେଇଥିଲେ।




## ମନମୁଣ୍ଡା ଅଞ୍ଚଳରେ ପଲ୍ସ ପୋଲିଓ ଅଭିଯାନ

**ମନମୁଣ୍ଡା, ୩।୩ (ସମିସ):** ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ପଲ୍ସ ପୋଲିଓ ଅଭିଯାନ ଶୁଭାରମ୍ଭ କରାଯାଇଛି। ଡାକ୍ତର ମହେନ୍ଦ୍ର ସଏ ଶିଶୁଙ୍କୁ ପଲ୍ସ ପୋଲିଓ ବୁନ୍ଦା ଖୁଆଇ ଏହାର ଶୁଭାରମ୍ଭ କରିଥିଲେ। ବିପିଏମ୍ ରାକେଶ ମହାପାତ୍ର, ପିଏଚଇଓ ସୁଦର୍ଶନ ପ୍ରଧାନଙ୍କ ତତ୍ତ୍ୱା।ବିଧାନରେ କଣ୍ଡାମାଳ ବ୍ଲକ ତଥା ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ୨୪ଟି ପଞ୍ଚାୟତର ପ୍ରତ୍ୟେକ ଉପ ସ୍ୱାସ୍ଥ୍ୟକେନ୍ଦ୍ର ତଥା ବୁଥରେ ଏହି କାର୍ଯ୍ୟକ୍ରମ ଚାଲିଥିଲା। ଏହି ବ୍ଲକରେ ୧୨୭୦୬ ଜଣ ୦ରୁ ୫୯ ମାସ ପର୍ଯ୍ୟନ୍ତ ଶିଶୁଙ୍କୁ ଏହି ବୁନ୍ଦା ଖୁଆଇବା ଲକ୍ଷ ଧାର୍ଯ୍ୟ କରାଯାଇଛି। ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ପାଇଁ ଏହି ଅଭିଯାନ ଚଳିବ। ଯେଉଁ ଶିଶୁମାନେ ରହି ଯାଇଥିବେ ୪ ଏବଂ ୫ ତାରିଖରେ ସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ଯାଇ ସେହି ଶିଶୁମାନଙ୍କୁ ପଲ୍ସ ପୋଲିଓ ବୁନ୍ଦା ଖୁଆଇବେ ବୋଲି ବିପିଏମ୍ ଶ୍ରୀ ମହାପାତ୍ର କହିଛନ୍ତି।

### କଣ୍ଟାବାଞ୍ଜିରେ ସ୍ୱାସ୍ଥ୍ୟ ଉପରେ ଆଲୋଚନାଚକ୍ର

## ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ଲୋକଙ୍କୁ କଲେ ସଚେତନ

**କଣ୍ଟାବାଞ୍ଜି, ୩।୩ (ସମିସ)**

ସ୍ୱାସ୍ଥ୍ୟ ହେଉଛି ମନୁଷ୍ୟର ଅମୂଲ୍ୟ ସମ୍ପଦ। ସ୍ୱାସ୍ଥ୍ୟ ଭଲ ରହିବ ବୋଲି ଲୋକେ ସବୁ କିଛି କରିଥାନ୍ତି। ତେବେ କଣ କରିବା କଥା କଣ କଲେ ସ୍ୱାସ୍ଥ୍ୟ ଭଲ ରହିବ ସେନେଇ ଲୋକେ ଅବଗତ ନଥିବା ଯୋଗୁ ସବୁ ସମୟରେ ସମସ୍ୟା ସମ୍ମୁଖୀନ ହେବାକୁ ପଡିଥାଏ। ନିଜ ସ୍ୱାସ୍ଥ୍ୟକୁ କେମିତି ଭଲରେ ରଖିବା ସେନେଇ ଏକ ଆଲୋଚନାଚକ୍ର କଣ୍ଟାବାଞ୍ଜି ବନମାଳି ମ୍ୟାରେଜ ପେଲେସରେ ରାୟପୁର ନାରାୟଣ ଏମଏମଆଇ ଡାକ୍ତରଖାନା ପକ୍ଷରୁ ପ୍ରେସ କ୍ଲବ କଣ୍ଟାବାଞ୍ଜି ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ଏଚପି. ସିହ୍ନା, ପ୍ରେସକ୍ଲବ ସଭପତି ପ୍ରଭଜିତ ସିଂ ସାଲୁଜା, ପ୍ରକଳ୍ପ ଅଧ୍ୟକ୍ଷ ଆଶିଷ ଖେତାନ, କାର୍ଯ୍ୟକାରୀ ସଭାପତି ସୁରଦାସ ବାଗ, କୋଷାଧ୍ୟକ୍ଷ କମଳଜିତ ସିଂ ମାଖିଜା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରେସ କ୍ଲବକୁ ସମାଜସେବା କାମ ପାଇଁ ଏମଏମଆଇ ନାରାୟଣ ଡାକ୍ତରଖାନା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କୋଶଳେଶ୍ୱରୀ ଯୁବ ମାଳି ସମାଜକୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ପାଇଁ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ପକ୍ଷଘାତ ଏବଂ ମସ୍ତିକ ଆଘାତ ରୋଗ ବିଷୟରେ ଟିକି ନିଖି ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଜନସାଧାରଣ ମଧ୍ୟ ଡାକ୍ତରଙ୍କୁ ରୋଗ ବିଷୟରେ ପ୍ରଶ୍ନ ପଚାରିଥିଲେ। ପାୟୋର ରିଲେସନ ଡେପୁଟିମ୍ୟାନେଜର ଖୋମେଶ୍ୱର ଲେହରେ, ତରୁନ୍ଦ୍ର ସିଂଙ୍କୁ ପ୍ରେସ କ୍ଲବ ପକ୍ଷରୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ୱତନ୍ତ୍ର ଅତିଥି ଭାବେ ଏନଏସି ନଗରପାଳ ବରିୟମ ସିଂ ସାଲୁଜା, ଡାକ୍ତର ଗୋବିନ୍ଦ ଅଗ୍ରୱାଲ, ଡାକ୍ତର ଅମଜଦ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରେସ କ୍ଲବ ଉପସଭାପତି ମନୋଜ ଶର୍ମା ମଞ୍ଚ ପରିଚାଳନା କରିଥିବା ବେଳେ ଉପସଭାପତି ରଶ୍ମିରଞ୍ଜନ ପୁଟେଲ, ଅଫିସ ସମ୍ପାଦକ ବିସିକେଶନ ମାଝି, ପରାମର୍ଶଦାତା ଆନନ୍ଦ ମୋଟେ, ଦୀପକ ଯାଦବ, ଅନୀଲ ତ୍ରିପାଠୀ, ଦେବେଶ ସିଂଘଲ, ଅମିତ ଶର୍ମା, କମଳ ଅଗ୍ରୱାଲ, ଜଗମୋହନ ତାଣ୍ଡି, ଶୈଳେନ୍ଦ୍ର ଜୈନ ସହ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ବିଭିନ୍ନ ଅନୁଷ୍ଠାନର ପଦାଧିକାରୀ ସହ ୨୦୦ରୁ ଅଧିକ ଲୋକ ସାମିଲ ହୋଇଥିଲେ।



